ଆଜି - ଶୁକ୍ରବାର
ତାରିଖ - ୨୪ ଅପ୍ରେଲ ୨୦୨୬
ମାସ - ମେଷ, ଦିନ - ୧୧
ତିଥି - ଅଷ୍ଟମୀ, ପକ୍ଷ-ଶୁକ୍ଳ
ନକ୍ଷତ୍ର - ପୁଷ୍ୟା, କର୍କଟ, ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୨୭: ୦୦
ସୂର୍ଯ୍ୟାସ୍ତ - ୬ : ୦୪ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ନିଜର ଦେଶ ସ୍ୱାଧୀନ ବୋଲି ଅନୁଭବ କରିବା ପ୍ରତ୍ୟେକ ନାଗରିକଙ୍କର ଦାୟିତ୍ୱ ଏବଂ ଦେଶର ସ୍ୱାଧୀନତାକୁ ଅକ୍ଷୁଣ୍ଣ ରଖିବା ପ୍ରତ୍ୟେକ ନାଗରିକଙ୍କର କର୍ତ୍ତବ୍ୟ ।"

- ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍


E-News : www.Ajikali epaper.com

Vol.- 41 ISSUE- 11 R.N.I. REGD. No. 44026/86 ବାଲେଶ୍ୱର ୨୪ ଅପ୍ରେଲ ୨୦୨୬ ଶୁକ୍ରବାର BALASORE 24 APRIL 2026 FRIDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


## ୬ ଦିନିଆ ଶିମଲା ଗସ୍ତରେ ଯିବେ ରାଷ୍ଟ୍ରପତି

ନୂଆଦିଲ୍ଲୀ : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏପ୍ରିଲ ୨୭ ରୁ ମେ ୨ ପର୍ଯ୍ୟନ୍ତ ଶିମଲା ଗସ୍ତ କରିବେ ।



ଫଳସ୍ୱରୂପ, ଏହି ଛଅ ଦିନ ପାଇଁ, ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ଏକ ପ୍ରକାର ଦିଲ୍ଲୀରୁ ଶିମଲାକୁ ସ୍ଥାନାନ୍ତରିତ ହେବ । ଏହାର ଏକ କାରଣ ହେଉଛି ଦିଲ୍ଲୀ ବାହାରେ ରାଷ୍ଟ୍ରପତିଙ୍କ ସରକାରୀ ବାସଭବନ କେବଳ ସିମଲା ଏବଂ ହାଇଦ୍ରାବାଦରେ ଅବସ୍ଥିତ । ହିମାଚଳ ସରକାର ରାଷ୍ଟ୍ରପତିଙ୍କ ଗସ୍ତ ସମ୍ପର୍କରେ ସମସ୍ତ ପ୍ରସ୍ତୁତି ପ୍ରାୟ ସମାପ୍ତ କରିସାରିଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଛଅ ଦିନିଆ ରହଣି ସମୟରେ, ରାଷ୍ଟ୍ରପତି ଭବନରୁ ସମସ୍ତ ଜରୁରୀ ଫାଇଲ୍ ଏଠାକୁ ଅଣାଯିବ । ଏହା ଉଲ୍ଲେଖନୀୟ ଯେ ଦେଶରେ କେବଳ ତିନୋଟି ରାଷ୍ଟ୍ରପତି ବାସଭବନ ଅଛି । ସେମାନଙ୍କ ମଧ୍ୟରୁ ସବୁଠାରୁ ପୁରୁଣା ସିମଲାର ମଶୋବ୍ରାରେ ଅବସ୍ଥିତ । ପୂର୍ବରୁ ଏହାକୁ 'ଦି ରିଟ୍ରିଟ୍' ନାମରେ ମଧ୍ୟ ଜଣାଯାଉଥିଲା । ଏହା ସିମଲାରୁ ୧୨ କିଲୋମିଟର ଦୂରରେ ମଶୋବ୍ରାର ଶାନ୍ତ ଏବଂ ମନୋରମ ପାହାଡ଼ ମଧ୍ୟରେ ଅବସ୍ଥିତ । ମଶୋବ୍ରାର ରାଷ୍ଟ୍ରପତି ବାସଭବନ ୧୭୫ ବର୍ଷରୁ ଅଧିକ ପୁରୁଣା । ଏହାର ସ୍ଥାପତ୍ୟ ଶୈଳୀ 'ଧଜ୍ଜି' ନିର୍ମାଣ ଦ୍ୱାରା ବୈଶିଷ୍ଟ୍ୟଯୁକ୍ତ । ଏଥିରେ କାଠ ଏବଂ ମାଟିରେ ତିଆରି କାନ୍ଥ ଅଛି । ଏହି ସ୍ଥାପତ୍ୟ ଶୈଳୀର ଏକ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ହେଉଛି ଯେ ଏହି ପ୍ରକାରେ ନିର୍ମିତ କୋଠାଗୁଡ଼ିକ ଭୂମିକମ୍ପ ଦ୍ୱାରା ମଧ୍ୟ ପ୍ରଭାବିତ ହୋଇନଥାଏ ।

## ବଙ୍ଗଳାରେ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଜୋରଦାର ପ୍ରଚାର କଲେ ପ୍ରଧାନମନ୍ତ୍ରୀ

କୋଲକାତା: ଗୁରୁବାର ଭୋଟ ଦେଉଛି ପର୍ଶ୍ଚିମବଙ୍ଗ । ଏପଟେ ବଙ୍ଗଳାରେ ପ୍ରଥମ ପର୍ଯ୍ୟାୟ ଭୋଟ୍ ଚାଲିଥିବା ବେଳେ, ସେପଟେ ପ୍ରଧାନମନ୍ତ୍ରୀ ମୋଦୀ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଜୋରଦାର ପ୍ରଚାର କରୁଛନ୍ତି । ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଭୋଟ୍ ୨୯ ଏପ୍ରିଲରେ ହେଉଛି । ବଙ୍ଗଳାର କୃଷ୍ଣନଗରରେ ଏକ ନିର୍ବାଚନୀ ରାଲିକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, "ମୁଁ ଝାଲମୁଢ଼ୀ ଖାଇଲି, ଏବଂ ଟିଏମସିକୁ ଝଟକା ଲାଗିଛି । ମେ ୪ରେ ମିଠା ଏବଂ ଝାଲମୁଢ଼ୀ ଉଭୟ ବଂଟାଯିବ । ବଙ୍ଗଳାର ଓକିଲମାନେ ପ୍ରକୃତ ନ୍ୟାୟ ପାଇଁ ଭୋଟ୍ ଦେବା ଉଚିତ । ଏଥର, ଲୋକମାନେ ବଙ୍ଗଳା ନିର୍ବାଚନ ଲଢୁଛନ୍ତି । ଯେଉଁଠାରେ ପ୍ରବଳ ଭୋଟରଙ୍କ ସମାଗମ ହେଉଛି, ସେଠାରେ ବିଜେପି ଜିତିବ । ଲୋକମାନେ କହୁଛନ୍ତି ଯେ ଯଥେଷ୍ଟ ହୋଇଗଲା ।" ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ବଙ୍ଗଳାରେ ଶାନ୍ତିପୂର୍ଣ୍ଣ ଭାବରେ ମତଦାନ ଚାଲିଛି । ୫୦ ବର୍ଷ ପରେ ନିର୍ବାଚନୀ ହିଂସା ହ୍ରାସ ପାଇଛି । ବଙ୍ଗଳା ନିର୍ବାଚନରେ କମ୍ ହିଂସା ନିର୍ବାଚନ କମିଶନ ପାଇଁ ସଫଳତା । ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ବଙ୍ଗଳାରୁ ଭୟ ଉଭାନ ହେଉଛି, ଏବଂ ବିଶ୍ୱାସ ଫେରି



ଆସୁଛି । ବଙ୍ଗଳାରେ ଭୋଟ୍ ପୁରୁଣା ରେକର୍ଡ ଭାଙ୍ଗି ଦେଉଛି । ପୂର୍ବରୁ ବଙ୍ଗଳାରେ ଗୁଣ୍ଡାରାଜ ଶାସନ କରୁଥିଲା । ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ବଙ୍ଗଳାର ଲୋକମାନେ ଟିଏମସିର ଜଙ୍ଗଲ ରାଜ ବିରୁଦ୍ଧରେ । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଯେଉଁମାନେ ଲୁଟ କରିଥିଲେ ସେମାନଙ୍କୁ ପରିଶୋଧ କରିବାକୁ ପଡିବ । ଟିଏମସିର ଜଙ୍ଗଲ ରାଜ ଆଉ ସହ୍ୟ କରାଯିବ ନାହିଁ । ଟିଏମସି ଅନୁପ୍ରବେଶ କରେ ଏବଂ ଶୋଷଣ କରୁଥିବା ଲୋକଙ୍କୁ ସୁରକ୍ଷା ଦିଏ । ଅତ୍ୟାଚାରୀ ଏବଂ ଦୁର୍ନୀତିଗ୍ରସ୍ତ ଲୋକଙ୍କୁ ଦାୟୀ କରାଯିବ । କେହି ଟିଏମସିକୁ ଭୟ କରିବାର ଆବଶ୍ୟକତା ନାହିଁ । ପ୍ରଧାନମନ୍ତ୍ରୀ ମୋଦୀ ବଙ୍ଗଳାର ମହିଳାଙ୍କ ପାଇଁ ୧୦ ଟି ଗ୍ୟାରେଂଟି ବିଷୟରେ କହିଥିଲେ । ସେ କହିଥିଲେ ଯେ ମହିଳାଙ୍କୁ ପ୍ରତିବର୍ଷ ୩୬,୦୦୦ ଟଙ୍କା ଦିଆଯିବ । ମହିଳାମାନଙ୍କୁ ୨୦ ଲକ୍ଷ ଟଙ୍କାର ମୁଦ୍ରା ଋଣ ମିଳିବ । ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଟିଏମସି ବିଧାୟକ, ମନ୍ତ୍ରୀ, ସ୍ଥାନୀୟ ନେତା ଏବଂ ସେମାନଙ୍କର ସିଣ୍ଡିକେଟ୍ ବିରୁଦ୍ଧରେ ଏତେ କ୍ରୋଧ ଅଛି ଯେ ଅନେକ ଜିଲ୍ଲାରେ ଟିଏମସି ଆକାଉଂଟ ଖୋଲି ପାରିବ ନାହିଁ । ପନ୍ଦର ବର୍ଷ ପୂର୍ବେ ଲୋକମାନେ ବାମପନ୍ଥୀଙ୍କ ବିରୁଦ୍ଧରେ ବିଗୁଲ୍ ବଜାଇଥିଲେ । ଆଜି, ବଙ୍ଗଳାର ଲୋକମାନେ ତୃଣମୂଳ କଂଗ୍ରେସର ଜଙ୍ଗଲ ରାଜ ବିରୁଦ୍ଧରେ ପ୍ରତ୍ୟେକ ରାସ୍ତା ଏବଂ ପଡ଼ୋଶୀରେ ସ୍ୱର ଉତୋଳନ କରୁଛନ୍ତି । ମୋଦି କିମ୍ବା ମୋର ସହଯୋଗୀମାନେ ଏହି ନିର୍ବାଚନ ଲଢୁଛନ୍ତି ନାହିଁ । ବଙ୍ଗଳାର ସରକାରୀ କର୍ମଚାରୀମାନେ ଟିଏମସିର ଭୟରୁ ମୁକ୍ତ ହେବା ପାଇଁ ଭୋଟ ଦେଉଛନ୍ତି । ବଙ୍ଗଳାର ଡାକ୍ତରମାନେ ଭୟମୁକ୍ତ ଏକ ଉତମ ବ୍ୟବସ୍ଥା ପାଇଁ ଭୋଟ ଦେଉଛନ୍ତି । ଓକିଲମାନେ ପ୍ରକୃତ ନ୍ୟାୟ ପାଇଁ ଭୋଟ ଦେଉଛନ୍ତି, ଏବଂ ଶିକ୍ଷକମାନେ ଭୟମୁକ୍ତ ସ୍କୁଲ, କଲେଜ ଏବଂ ବିଶ୍ୱବିଦ୍ୟାଳୟ ପାଇଁ ଭୋଟ ଦେଉଛନ୍ତି । ଦୋକାନୀ, ରିକ୍ସା ଚାଳକ ଏବଂ ଟ୍ୟାକ୍ସି ଡ୍ରାଇଭରମାନେ ଟିଏମସି ସିଣ୍ଡିକେଟରୁ ନିଜକୁ ମୁକ୍ତ କରିବା ପାଇଁ ଭୋଟ ଦେଉଛନ୍ତି, ଏବଂ ବଙ୍ଗଳାର ପୋଲିସ ଗୁଣ୍ଡାମାନଙ୍କଠାରୁ ନିର୍ଦ୍ଦେଶ ନେବା ପରିବର୍ତ୍ତେ ଲୋକଙ୍କ ସେବା କରିବାକୁ ଭୋଟ ଦେଉଛନ୍ତି । ଏହାର ଅର୍ଥ ହେଉଛି ବଙ୍ଗଳାର ପ୍ରତ୍ୟେକ କ୍ଷେତ୍ର ଏବଂ ପ୍ରତ୍ୟେକ ବର୍ଗ ଏବେ ବିଜେପିକୁ ସୁଯୋଗ ଦେବାକୁ ଚାହୁଁଛି । ସମସ୍ତେ କହୁଛନ୍ତି, "ଭୟ ଛାଡ଼, ବିଶ୍ୱାସ କର ।"

## ପର୍ଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ୨୦୨୬
## ସନ୍ଧ୍ୟା ୫ଟା ସୁଦ୍ଧା ୯୦% ମତଦାନ



କୋଲକାତା : ପର୍ଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୁଣି ଥରେ ଦେଶର ଦୃଷ୍ଟି ଆକର୍ଷଣ କରିଛି । ନିର୍ବାଚନ ବେଳେ ବିଭିନ୍ନ ସ୍ଥାନରେ ହିଂସା, ବୋମାମାଡ଼, ସଂଘର୍ଷ ଖବର ଆସିଥିବା ବେଳେ ସନ୍ଧ୍ୟା ୫ଟା ସୁଦ୍ଧା ପ୍ରାୟ ୯୦ ପ୍ରତିଶତ ମତଦାନ ହୋଇଥିବା ନିର୍ବାଚନ କମିଶନଙ୍କ ତଥ୍ୟ ଅନୁସାରେ ସୂଚନା ମିଳିଛି । ଅନ୍ୟପକ୍ଷେ ପର୍ଶ୍ଚିମବଙ୍ଗରେ ଏଥର ଐତିହାସିକ ୯୫ ପ୍ରତିଶତ ମତଦାନରେ ପହଂଚିପାରେ ବୋଲି ରାଜନୈତିକ ବିଶେଷଜ୍ଞ ଆକଳନ କରିଛନ୍ତି । ମତଦାନ ଆରମ୍ଭରୁ ବିଭିନ୍ନ ପୋଲିଂ ବୁଥରେ ଭୋଟ ଦେବାଲାଗି ଲୋକଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳିଥିଲା । ଗ୍ରାମାଂଚଳରୁ ସହରାଂଚଳ ସବୁଠି ମହିଳା, ବୟସ୍କ ଏବଂ ଯୁବକମାନେ ବହୁ ସଂଖ୍ୟାରେ ମତଦାନ କେନ୍ଦ୍ରକୁ ଆସିଥିଲେ । ମାଳତୀପୁରର ଏକ ମତଦାନ କେନ୍ଦ୍ରରେ ଜଣେ ମହିଳା ମତଦାତାଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି । ଏହି ଦୁଃଖଦ ଘଟଣା ସତ୍ତ୍ୱେ ଭୋଟ ଦେବାକୁ ଜନସାଧାରଣଙ୍କ ଉତ୍ସାହକୁ ହ୍ରାସ ପାଇ ନ ଥିବା ଦେଖିବାକୁ ମିଳିଛି । ସୂଚନା ଯୋଗ୍ୟ, ଅପରାହ୍ନ ୩ଟା ସୁଦ୍ଧା ମତଦାନ ୭୮.୭୭ ପ୍ରତିଶତ ଅତିକ୍ରମ କରିବା ମାତ୍ରେ ସ୍ପଷ୍ଟ ହୋଇଥିଲା ଯେ, ଏଥର ମତଦାନ ଏକ ରେକର୍ଡ ହେବାର ସମ୍ଭାବନା ରହଇଛି । ସନ୍ଧ୍ୟା ସୁଦ୍ଧା, ଏହି ସଂଖ୍ୟା ୮୯.୨୪ ପ୍ରତିଶତରେ ପହଂଚି ଥିବା ବେଳେ ଯାହା ନିର୍ବାଚନ ସମୀକରଣକୁ ଆହୁରି ଆକର୍ଷଣୀୟ କରିଦେଇଛି । ପର୍ଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ୧୫୨ଟି ଆସନ ପାଇଁ ମୋଟ ୧୪୭୮ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ।


19001/30/2627



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଜାତୀୟ ପଞ୍ଚାୟତିରାଜ ଦିବସ- ୨୦୨୬
ରାଜ୍ୟସ୍ତରୀୟ ସମାରୋହ

ମୁଖ୍ୟ ଅତିଥି
ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଗରିମାମୟ ଉପସ୍ଥିତି
ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ
ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶ୍ରୀ ରବି ନାରାୟଣ ନାଏକ
ମନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ

ଡ. ମୁକେଶ ମହାଲିଙ୍ଗ
ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା

ଶ୍ରୀମତୀ ସଙ୍ଗୀତା କୁମାରୀ ସିଂହ ଦେଓ
ସାଂସଦ, ବଲାଙ୍ଗିର

ଏବଂ ବିଧାୟକ ବୃନ୍ଦ, ବଲାଙ୍ଗିର

ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ

- ଅନ୍ତ୍ୟୋଦୟ ଗୃହ ଯୋଜନାରେ ୫୦,୦୦୦ରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ କରକମଳରେ କାର୍ଯ୍ୟାଦେଶ ବଣ୍ଟନ ଓ ୨୦୦ କୋଟି ଟଙ୍କାର ପ୍ରଥମ କିସ୍ତି ରାଶି ପ୍ରଦାନ।
- ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଆଭ୍ୟନ୍ତରୀଣ ଅଡିଟ୍ ପ୍ରକ୍ରିୟାକୁ ଅନଲାଇନ୍ ମାଧ୍ୟମରେ ପରିଚାଳନା ନିମନ୍ତେ "ପଞ୍ଚାୟତିରାଜ ସମୀକ୍ଷା" ପୋର୍ଟାଲର ଉନ୍ମୋଚନ।
- "ବିକଶିତ ଗାଁ, ବିକଶିତ ଓଡ଼ିଶା" ଅଭିଯାନରେ ଗ୍ରାମୀଣ ବିକାଶ କ୍ଷେତ୍ରରେ ମୋଟ ୨୧,୮୦୫ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି।
- ସର୍ବ ଭାରତୀୟ ସ୍ତରରେ ଚଳିତ ବର୍ଷ ଓଡ଼ିଶାର ୫ଟି ପଞ୍ଚାୟତିରାଜ ଅନୁଷ୍ଠାନ ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠ ସେବା ପାଇଁ ପୁରସ୍କୃତ ହୋଇଛନ୍ତି।
- ଜିଲ୍ଲା ପରିଷଦ ବୈଠକକୁ ପାରଦର୍ଶିତାର ସହିତ ପରିଚାଳନା କରିବା ନିମନ୍ତେ "ଇ-ପଞ୍ଚାୟତ ସଭା" (ଜିଲ୍ଲା ପରିଷଦ) ପୋର୍ଟାଲର ଉନ୍ମୋଚନ।
- ବିଗତ ୨ ବର୍ଷରେ ଗ୍ରାମୀଣ ଆବାସ ଯୋଜନାରେ ୪.୬୭ ଲକ୍ଷ ଗୃହ ନିର୍ମାଣ ହୋଇଅଛି ସେଥିମଧ୍ୟରୁ ୨୦୨୫-୨୬ ଆର୍ଥିକ ବର୍ଷରେ ୨.୫୮ ଲକ୍ଷ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି।
- ଓଡ଼ିଶାର ୨୧,୦୩୩ଟି ଗ୍ରାମକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଉଛି । ସେହିପରି ୭,୦୯୯ଟି ଗ୍ରାମକୁ ସର୍ବସାଧାରଣ ପାଇପ୍ ଟ୍ୟାପ୍ (Stand Post) ଯୋଗେ ଜଳ ଯୋଗାଣ କରାଯାଉଛି । ଆଗାମୀ ୨୦୨୭ ସୁଦ୍ଧା ସମସ୍ତ ଗ୍ରାମକୁ ପାଇପ୍ ଯୋଗେ ଜଳ ଯୋଗାଇ ଦିଆଯିବ।
- ୨୦୨୫-୨୬ ବର୍ଷରେ ୨୦୦ ଗ୍ରାମ ପଞ୍ଚାୟତ ISO ପ୍ରମାଣପତ୍ର ହାସଲ କରିଛନ୍ତି।

OIPR-19001/19001/2/26-27/0002

୨୪ ଅପ୍ରେଲ ୨୦୨୬ | ସନ୍ଧ୍ୟା ୫ ଘଟିକା | ଗାନ୍ଧୀ ଷ୍ଟାଡିୟମ, ବଲାଙ୍ଗିର

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର




# କେନ୍ଦୁଝରଗଡ଼ ପୌରପାଳିକା ଅଧ୍ୟକ୍ଷାଙ୍କ ପୁତ୍ରର ସଡ଼କ ଦୁର୍ଘଟଣାରେ ମୃତ୍ୟୁ

କେନ୍ଦୁଝର(ନିପ୍ର): କେନ୍ଦୁଝରଗଡ ପୌରପାଳିକାର ଅଧ୍ୟକ୍ଷା ନିକୁ ସାହୁ ତଥା କେନ୍ଦୁଝର ସହରର ପ୍ରତିଷ୍ଠିତ ସୁନା ଓ ଗାର୍ମେଂଟ ଦୋକାନ ବିଏସ ମଲର ମାଲିକ ଜିତେନ୍ଦ୍ର କୁମାର ସାହୁଙ୍କ ଏକମାତ୍ର ପୁତ୍ର ବିଏସ ତଥ୍ୟଙ୍କର ବୁଧବାର ରାତିରେ ଏକ ସଡ଼କ ଦୁର୍ଘଟଣାରେ ପରଲୋକ ହୋଇଛି । ଏହାକୁ ନେଇ ସମଗ୍ର କେନ୍ଦୁଝର ଜିଲ୍ଲାରେ ଶୋକର ଛାୟା ଖେଳିଯିବା ସହିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ନେଇ ଗଭୀର ଶୋକ ପ୍ରକଟ କରିଛନ୍ତି । ନିଜ ସାମାଜିକ ଗଣମାଧ୍ୟମରେ ସେ ପୋଷ୍ଟ କରି ଲେଖିଛନ୍ତି ଯେ, ଜଣେ ସମ୍ଭାବନାମୟ ତରୁଣଙ୍କୁ ଏଭଳି ସମୟରେ ହରାଇବା ଅତ୍ୟନ୍ତ ଦୁଃଖଦାୟକ । ସେ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହିତ ଏହି ବିପଦ ସମୟରେ ଧୈର୍ଯ୍ୟ ରଖିବାକୁ ପ୍ରକାଶ କରିଛନ୍ତି । କେନ୍ଦୁଝର ଲୋକସଭା ସଦସ୍ୟ ଅନନ୍ତ ନାୟକ ମଧ୍ୟ ଗଭୀର ଶୋକପ୍ରକଟ କରିବା ସହିତ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଡଃ ଫକୀର ମୋହନ ନାୟକ, ଜିଲ୍ଲା ବିଜେପି ସଭାପତି ଶୁକଦେବ ମହାନ୍ତ, ଘଷିପୁରା ବିଜେପି ବିଧାୟକ ପ୍ରାର୍ଥୀ ଶମ୍ଭୁନାଥ ରାଉତ, କେନ୍ଦୁଝରଗଡ ପୌରପାଳିକାର ଉପାଧ୍ୟକ୍ଷ ବରଦା ପ୍ରସନ୍ନ ଦାସ,କାଉନସିଲର, ବିଭିନ୍ନ ସଂଗଠନର ପ୍ରତିନିଧି ଓ ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ତଥ୍ୟଙ୍କ ମରଶରୀର ନିକଟକୁ ଯାଇ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସାନ୍ତ୍ୱନା ପ୍ରଦାନ କରିଥିଲେ । ବୈତରଣୀ କୁଳରେ ତଥ୍ୟଙ୍କ ଶେଷକୃତ୍ୟ ହୋଇଥିବା ବେଳେ କକା ଶିତୁ ସାହୁ ମୁଖାଗ୍ନି ଦେଇଥିଲେ । ତଥ୍ୟଙ୍କ ବିୟୋଗରେ ସମଗ୍ର କେନ୍ଦୁଝର ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି ।

# ଜିଲ୍ଲାସ୍ତରୀୟ 'ଆସ ଜାଣିବା ଆମ ବଜେଟ' କର୍ମଶାଳା ଅନୁଷ୍ଠିତ




ନୟାଗଡ଼(ନିପ୍ର): 'ଆସ ଜାଣିବା ଆମ ବଜେଟ' ଉପରେ ଏକ ଜିଲ୍ଲାସ୍ତରୀୟ କର୍ମଶାଳା ସୃଜନ ସମ୍ମିଳନୀ କକ୍ଷରେ ଦିବା ୧୧ଘଟିକା ସମୟରେ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ମାନ୍ୟବର ବିଧାୟକ ଖଣ୍ଡପଡ଼ା ତଥା ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ, ଜିଲ୍ଲାପାଳ ମଧୁମିତା ରଥ ଅଧ୍ୟକ୍ଷତା କରିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅଧ୍ୟକ୍ଷ, ଜିଲ୍ଲା ପରିଷଦ ଇଂ. ଦେବାଶିଷ ପଟ୍ଟନାୟକ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଗ୍ନଜିତ ରାଉତ, ଉପ-ଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ଜିଲ୍ଲା ପଂଚାୟତ ଅଧିକାରୀ ଝାଡେଶ୍ୱର ଦାସ ଏବଂ ବିଶେଷଜ୍ଞ ଭାବେ ଅଟୋନମସ କଲେଜର ଅଧ୍ୟାପକ (ଅର୍ଥନୀତି) ଆଶୁତୋଷ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । କର୍ମଶାଳାର ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ ଶୁଭାରମ୍ଭ କରାଯାଇଥିଲା । ଏହି କର୍ମଶାଳାର ପ୍ରାରମ୍ଭରେ ଜିଲ୍ଲା ପଂଚାୟତ ଅଧିକାରୀ ପ୍ରାରମ୍ଭିକ ଭାଷଣ ରଖିଥିଲେ । ଅଟୋନମସ କଲେଜର ଅଧ୍ୟାପକ ଆଶୁତୋଷ ମିଶ୍ର ୨୦୨୬-୨୭ରେ ବଜେଟ ଉପରେ ପ୍ରକାଶିତ ସମସ୍ତ ତଥ୍ୟକୁ ସୁନ୍ଦର ଭାବେ ଉପସ୍ଥାପନା କରିଥିଲେ, ଯଥା - ଓଡ଼ିଶା ପାଇଁ କେନ୍ଦ୍ରୀୟ ବଜେଟରେ ରେଲୱେ ପ୍ରୋଜେକ୍ଟ ପାଇଁ ୧୦୯୨୮ କୋଟି ଟଙ୍କା ଆବଂଟନ ହୋଇଛି ଯାହା ଓଡିଶା ରାଜ୍ୟର ଭିତିଭୂମି ଏବଂ ଶିଳ୍ପର ଅଭିବୃଦ୍ଧି ଦିଗରେ ସହାୟକ ହେବ । ବାର୍ଷିକ ବଜେଟ ୨୦୨୬-୨୭ ର କେନ୍ଦ୍ରବିନ୍ଦୁ ହେଉଛି ଗରିବ, ଯୁବ, ଅନ୍ନଦାତା ଏବଂ ନାରୀଶକ୍ତି । ଏହି ବଜେଟ ବିକଶିତ ଓଡିଶା ପାଇଁ ଭିଜନ-୨୦୩୬ ଏବଂ ୨୦୪୭ କୁ ସାକାର କରିବା ଦିଗରେ ଏକ ଦୃଢ ଏବଂ ସଂକଳ୍ପ ବଦ୍ଧ ପଦକ୍ଷେପ । ଏହି ବଜେଟ ପୂର୍ବ-ପଶ୍ଚିମ ମାଲବାହି କରିଡର ଲୋଜିଷ୍ଟିକ ବ୍ୟବସ୍ଥାକୁ ସୁଧାରିବ ଏବଂ ଶିଳ୍ପ କ୍ଲଷ୍ଟରକୁ ପ୍ରମୁଖ ବଜାର ସହ ଯୋଡିବ । ଜାତୀୟ ଜଳପଥ -୫ ର ବିକାଶ ତାଳଚେର, ଅନୁଗୁଳ, ପାରାଦ୍ୱୀପ ଏବଂ ଧାମରା ମଧ୍ୟରେ ଆନ୍ତରିକ ଜଳ ପରିବହନକୁ ସୁଦୃଢ଼ କରିବ ଏବଂ ବନ୍ଦର ଆଧାରିତ ଉନ୍ନତି କୁ ସମର୍ଥନ କରିବ । ଗରିବ ମାନଙ୍କ ପାଇଁ ମଧୁବାବୁ ପେନସନ ଯୋଜନା/ ବାର୍ଦ୍ଧକ୍ୟ ଭତା/ ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା/ ଆଦିବାସୀ ମାନଙ୍କ ପାଇଁ ଧରିତ୍ରୀ ଆବା ଜନଜାତିୟ ଗ୍ରାମ ଉତକର୍ଷ ଅଭିଯାନ/ ଜନ ଆଶ୍ରୟ ଭବନ/ ଅନ୍ତ୍ୟୋଦୟ ଗୃହ ଯୋଜନା/ ବସୁଧା ଯୋଜନା ଆଦି ଏହି ବଜେଟରେ ସାମିଲ କରା ଯାଇଛି । ସେହିପରି ଯୁବବର୍ଗଙ୍କ ପାଇଁ ଖେଳ/ ଶିକ୍ଷା ଏବଂ ଓଡିଶା ଆଦର୍ଶ ବିଦ୍ୟାଳୟ/ ଗୋଦାବରୀଶ ମିଶ୍ର ମୋଡେଲ ସ୍କୁଲ ପ୍ରୋଗ୍ରାମ/ ଭି ଭି ଜି ରା ମ ଜି ଯୋଜନା/ ଡାଲଖାଇ ସ୍କିମ ଆଦି ଯୋଜନା ଏହି ବଜେଟରେ ସାମିଲ କରାଯାଇଛି । ଅନ୍ନଦାତାଙ୍କ ପାଇଁ ସମୃଦ୍ଧ କୃଷକ ଯୋଜନା/ ସି ଏମ କିଷାନ ଯୋଜନା/ ଶ୍ରୀ ଅନ୍ନ ଅଭିଯାନ ଆଦି ଯୋଜନା ଏହି ବଜେଟ ରେ ଅନ୍ତର୍ଭୁକ୍ତ କରାଯାଇଛି । ସେହିପରି ନାରୀ ମାନଙ୍କ ପାଇଁ ସୁଭଦ୍ରା ଯୋଜନା/ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା/ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୃଷ୍ଟି ଯୋଜନା/ ସମୃଦ୍ଧ ଅଙ୍ଗନବାଡି ଯୋଜନା/ ମମତା ଯୋଜନା/ ପି ଏମ ପୋଷଣ ଯୋଜନା/ ମିଶନ ଶକ୍ତି ଆଦି ଯୋଜନା ଏହି ବଜେଟରେ ସାମିଲ କରାଯାଇଛି । ବିଶେଷ କରି ନୟାଗଡ଼ ଜିଲ୍ଲା ପାଇଁ ଏକ ଓଡିଶା ଫାର୍ମା ପାର୍କ ଓ ହୋମିଓପାଥି ମେଡିକାଲ କଲେଜର ସ୍ଥାପନା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି । ମାନ୍ୟବର ବିଧାୟକ କର୍ମଶାଳାରେ ଉଦବୋଧନରେ କହିଲେ ଯେ ଆମେ ବଜେଟ ବିଷୟରେ ଜାଣିବା ଦରକାର । ସମସ୍ତ ବିଭାଗୀୟ ଅଧିକାରୀ ମାନେ ଜାଣିଲେ ଜିଲ୍ଲାପାଳଙ୍କୁ ପ୍ରସ୍ତାବ ଦେଇପାରିବେ । ଜିଲ୍ଲା ପରିଷଦ ଅଧକ୍ଷ କହିଲେ ଯେ ଯେଉଁ ରାଜ୍ୟର ବିତିୟ ଶୃଙ୍ଖଳା ଯେତେ ଭଲ ସେ ଦେଶ ସେତିକି ଉନ୍ନତ । ଆଗରୁ କିଛି କିଛି ଲୋକ ଟ୍ୟାକ୍ସ ଦେଉଥିଲେ, ଏବେ ସମସ୍ତେ ଟିକସ ଦାତା ଅଟନ୍ତି । ସରକାରଙ୍କ ୩ ଲକ୍ଷ ୧୦ ହଜାର କୋଟିର ବଜେଟ ଏକ ବଡ ବଜେଟ କ୍ଷ ସରକାରଙ୍କ ସୁଭଦ୍ରା ଯୋଜନା, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ସ୍ୱାଗତ ଯୋଗ୍ୟ । ଜିଲ୍ଲାପାଳ ମଧ୍ୟ ଏହି କର୍ମଶାଳାର ଆଭିମୁଖ୍ୟ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ । ସେହିପରି ଉପ-ଜିଲ୍ଲାପାଳ ବଜେଟର ଆଭିମୁଖ୍ୟ ଉପରେ ବକ୍ତବ୍ୟ ରଖିଥିଲେ । ଏହି କର୍ମଶାଳାରେ ସମସ୍ତ ବିଭାଗୀୟ ଅଧିକାରୀ/ ସମସ୍ତ ବିଡ଼ିଓ / ଅଙ୍ଗନବାଡିର ସିଡିପିଓ/ ଲାଇନ ବିଭାଗୀୟ ଅଧିକାରୀ/ ଗଣ ମାଧ୍ୟମର ପ୍ରତିନିଧିମାନେ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ମୁଖ୍ୟ ଉନ୍ନୟନ ଅଧିକାରୀ ଧନ୍ୟବାଦ ପ୍ରଦାନ କରି ସଭାପତିଙ୍କ ଅନୁମତି କ୍ରମେ ସଭା ସାଙ୍ଗ କରିଥିଲେ ।

# ପାରାଦୀପ ବନ୍ଦର ଅଧ୍ୟକ୍ଷଙ୍କୁ ଭେଟିଲେ ଆମେରିକୀୟ ପ୍ରତିନିଧିଦଳ



ପାରାଦୀପ(ନିପ୍ର): ପାରାଦୀପ ବନ୍ଦରର ବିଭିନ୍ନ ପ୍ରକଳ୍ପ ବିକାଶ ଉପରେ ଏକ ଆମେରିକୀୟ ପ୍ରତିନିଧି ଦଳ ଭୁବନେଶ୍ୱରରେ ପାରାଦୀପ ବନ୍ଦର ପ୍ରାଧିକରଣ ଅଧ୍ୟକ୍ଷ ପି.ଏଲ୍.ହରନାଦଙ୍କୁ ଭେଟି ଆଲୋଚନା କରିଛନ୍ତି । ଆମେରିକୀୟ କନସୁଲେଟ ଜେନେରାଲ ହାଇଦ୍ରାବାଦର କନସୁଲ୍ ଜେନେରାଲ ଲୌରା ୱିଲିୟମ୍ସଙ୍କ ନେତୃତ୍ୱରେ ଏକ ୩ ଜଣିଆ ପ୍ରତିନିଧିମଣ୍ଡଳୀ ସହିତ, ଭୁବନେଶ୍ୱରରେ ପାରାଦୀପ ବନ୍ଦରର ଅଧକ୍ଷ ହରନାଦଙ୍କୁ ଭେଟିଥିଲେ । ଉକ୍ତ ବୈଠକରେ ବାହୁଦା ସାଟେଲାଇଟ୍ ବନ୍ଦର, ପାରାଦୀପ ବନ୍ଦରରେ ପ୍ରସ୍ତାବିତ ସବୁଜ ହାଇଡ୍ରୋଜେନ ଜେଟି, କେନ୍ଦ୍ରାପଡ଼ା ଜିଲ୍ଲାର ମହାନଦୀ କୂଳରେ ଜାହାଜ ନିର୍ମାଣ କ୍ଲଷ୍ଟ, କାର୍ଗୋ ରପ୍ତାନି ଏବଂ ଆମଦାନୀ ଅଭିବୃଦ୍ଧି ପାଇଁ ସୁଯୋଗ ସମେତ ପ୍ରମୁଖ ବିକାଶ ପ୍ରକଳ୍ପ ଉପରେ ଆଲୋଚନା ହୋଇଥିଲା । ଏହି ଆଲୋଚନା ଓଡ଼ିଶାର ସାମୁଦ୍ରିକ କ୍ଷେତ୍ର ପ୍ରତି ବଢୁଥିବା ବିଶ୍ୱ ଚାହିଦା ଏବଂ ସ୍ଥାୟୀ ବିକାଶ, ବାଣିଜ୍ୟ ପ୍ରସାରଣ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ଭିତିଭୂମି ପ୍ରତି ପାରାଦୀପ ବନ୍ଦରର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଥିବା ସୂଚନା ମିଳିଛି ।

# ତୁଡ଼ିଗଡ଼ିଆ ବଜାରରେ ଜବରଦଖଲ ଉଚ୍ଛେଦ



ଖଇରା(ନିପ୍ର): ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ ତୁଡିଗଡିଆ ବଜାର ରେ ସୋର-କୁପାରୀ ରାସ୍ତାକଡରୁ ଜବର ଦଖଲ ଉଛେଦ କରାଯାଇଛି । ରାସ୍ତା ଓ ଡ୍ରେନ ସମ୍ପ୍ରସାରଣ ପାଇଁ ପୂର୍ତ୍ତ ବିଭାଗ ତରଫରୁ ରାଜସ୍ୱ ବିଭାଗ କୁ ଅବଗତ କରାଯିବା ପରେ ସୋର-କୁପାରୀ ଓ ତୁଡିଗଡିଆ-ଡାଲଙ୍ଗ ରାସ୍ତା କଡରେ ଥିବା ୧୯୨ ଦୋକାନୀଙ୍କ ଉପରେ ନୋଟିସ ଜାରି କରାଯାଇ ଥିଲା । ବୁଧବାର ତହସିଲଦାର ଅମିତ ରଞ୍ଜନ ହୋତା ଓ ଅତିରିକ୍ତ ତହସିଲଦାର ସଞ୍ଜିବ କୁମାର ପାତ୍ର ଓ ଖଇରା ପୋଲିସଙ୍କ ଉପସ୍ଥିତିରେ ସୋର-କୁପାରୀ ରାସ୍ତା କଡରୁ ଶତାଧିକ ଦୋକାନ ଘର ଭଙ୍ଗା ଯାଇଥିଲା । ଗୁରୁବାର ତୁଡିଗଡିଆ-ଡାଲଙ୍ଗ ରାସ୍ତା କଡରେ ସରକାର ଜମିରେ ଥିବା ବାକି ଦୋକାନ ଘର ଉଛେଦ କରାଯିବ ବୋଲି ତହସିଲଦାର ପ୍ରକାଶ କରିଛନ୍ତି ।

# ପ୍ରଚଣ୍ଡ ରୌଦ୍ର ତାପରେ ଧାରଣା ଦେଲା, ସିଭିଲ ସୋସାଇଟି

ବୈଶିଙ୍ଗା(ନିପ୍ର): ବୈଶାଖ ମାସର ପ୍ରବଳ ଖରାକୁ ଭ୍ରୁକ୍ଷେପ ନ କରି ବେତନଟୀର ଚଣ୍ଡୀ ଛକରେ ଧାରଣା ଆରମ୍ଭ କରିଛି, ସିଭିଲ ସୋସାଇଟି । ମୁଣ୍ଡ ଉପରେ ୪୧ ଡିଗ୍ରୀର ତାତି ଓ ଝାଞ୍ଜି ପବନ ସତ୍ତ୍ୱେ ଷାଠିଏ ବର୍ଷରୁ ଅଧିକ ବୟସ୍କମାନଙ୍କୁ ନେଇ ଗଠିତ ସିଭିଲ ସୋସାଇଟି ଜନସ୍ୱାର୍ଥ ରକ୍ଷା ନିମନ୍ତେ ଚଣ୍ଡୀ ଛକ ଠାରେ ଦୁଇଦିନ ଧରି ଶାନ୍ତିପୂର୍ଣ୍ଣ ଧାରଣା ଦେବ । ମଣ୍ଡପରେ ମହାତ୍ମାଗାନ୍ଧିଙ୍କ ଫଟୋଚିତ୍ର ରଖି ପ୍ରାୟ ୫୦ ରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିଗଣ ଚଣ୍ଡୀ ଛକରେ ପ୍ରଶାସନ ସିସିଟିଭି ଲଗାଇବା ଓ ଦୀର୍ଘବର୍ଷ ଧରି ଅଚଳ ବିଦ୍ୟୁତ ଆଲୋକ ସଜାଡିବାର ଦାବି କରିଛି । ସେହିପରି ଚଣ୍ଡୀ ଛକ ଚତୁଃପାର୍ଶ୍ୱରେ ହମ୍ପସ ନିର୍ମାଣ ଓ ବେଗ ନିୟନ୍ତ୍ରକ ସାଇନବୋର୍ଡ ଲଗାଇବାର ଦାବିକୁ ନେଇ ବାରମ୍ବାର ସରପଂଚ, ବିଡିଓ, ବିଧାୟକ ଓ ବିଭାଗୀୟ ଯନ୍ତ୍ରୀଙ୍କୁ ମୌଖିକ ପରେ ଲିଖିତ ଜଣାଇ ମଧ୍ୟ ପ୍ରତିକାର ନ ହେବାରୁ ବାଧ୍ୟ ହୋଇ ଅପ୍ରେଲ ୨୩ ଓ ୨୪ ଧାରଣା ନିମନ୍ତେ ନୋଟିସ ଦେଇଥିଲା । ଏସବୁର ସମାଧାନ ପାଇଁ ଜିଲ୍ଲାପାଳ, ପୋଲିସ ଅଧିକ୍ଷକ, ପୂର୍ତ୍ତ ବିଭାଗ ସୁପରିଟେଣ୍ଡେଟ ଇତ୍ୟାଦିଙ୍କର ଦୃଷ୍ଟି ଆକର୍ଷଣ ପୂର୍ବକ ଚିଠି ଗତ ୧୩ ଅପ୍ରେଲରୁ ଦିଆଯାଇ ଥିବାର ସାଧାରଣ ସଂପାଦକ ଆଇନଜୀବୀ ସଚ୍ଚିଦାନନ୍ଦ ମହାନ୍ତିଙ୍କ ଠାରୁ ପ୍ରକାଶ । ପ୍ରଥମ ଦିନ ଧାରଣା ସ୍ଥଳରେ ବେତନଟୀର ପୂର୍ତ୍ତ ବିଭାଗ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅରବିନ୍ଦ ମହାନ୍ତି ଓ ଯନ୍ତ୍ରୀ ରବୀନ୍ଦ୍ର କୁମାର ମିଶ୍ର ଉପସ୍ଥିତ ରହି ତାଙ୍କ ବିଭାଗୀୟ କାର୍ଯ୍ୟ ଅବଶ୍ୟ କରାଯିବାର ନିର୍ଭର ପ୍ରତିଶୃତି ପ୍ରଦାନ କରିଥିଲେ । କିନ୍ତୁ ସିସିଟିଭି ଓ ଅଚଳ ଆଲୋକ ସଜାଡିବା ନେଇ ପୋଲିସ ଓ ପଂଚାୟତ ରାଜ, ବିଜ୍ଞାପିତ ଅଂଚଳ ପରିଷଦ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଠାରୁ ଉତର ମିଳିନଥିବାରୁ କାର୍ଯ୍ୟକାରୀ ସଭାପତି ହରିଶଚନ୍ଦ୍ର ନନ୍ଦ ଗୋସ୍ୱାମୀ କ୍ଷୋଭ ପ୍ରକାଶ କରିଅଛନ୍ତି । ଅନୁଷ୍ଠିତ ସଭାରେ ଯୁଗ୍ମ ସାଃ ସମ୍ପାଦକ ରବିନ୍ଦ୍ରନାଥ ମିଶ୍ର, ଉପଦେଷ୍ଟା ବାସୁଦେବ ନାପିତ, ସମାଜସେବୀ ପ୍ରକାଶ ବେହେରା ଓ ସିଦ୍ଧାର୍ଥ ଅଗ୍ରୱାଲା ମଧ୍ୟ ସଭାକୁ ସମ୍ବୋଧିତ କରି ଦାବିପ୍ରତି ସମର୍ଥନ ଜ୍ଞାପନ କରିଥିଲେ । ଧାରଣା ସ୍ଥଳେ ସ୍ଥାନୀୟ ଚଣ୍ଡୀ ଛକର ସମସ୍ତ ଦୋକାନୀ ମାନଙ୍କ ଉପସ୍ଥିତି ସହ ସହଯୋଗ ଉତ୍ସାହଜନକ ରହିଥିଲା । ଧାରଣା ପରିଚାଳନାରେ ହରେନ୍ଦ୍ରନଥ ବାରିକ, ରବି ନାରାୟଣ ପୃଷ୍ଟି, ଅନୀଲ ସିଂ ମହାନ୍ତ ଆଦି ବିଶେଷ ସହଯୋଗ କରିଥିଲେ ଓ ରତିକାନ୍ତ ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅତ୍ୟାଧୁନିକ ରୋଷେଇ ଗୃହ ଓ ଭୋଜନଶାଳା ଉଦ୍‌ଘାଟନ କଲେ ବିଧାୟକ

ଜଳେଶ୍ୱର(ନିପ୍ର): ଗୁରୁବାର ସକାଳ ୯ ଘଟିକା ସମୟରେ ଜଳେଶ୍ୱର ମାନ୍ୟବର ବିଧାୟକ ତଥା ଓଡ଼ିଶା ସରକାରଙ୍କର ପୂର୍ବତନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ରଙ୍କ ଦ୍ୱାରା ପୋଲିସ ଗୃହ ନିର୍ମାଣ ସଂସ୍ଥା ଙ୍କ ଦ୍ୱାରା ପ୍ରଦତ ଏବଂ ନିର୍ମିତ ଅତ୍ୟାଧୁନିକ ରୋଷେଇଶାଳା ଏବଂ ଭୋଜନ ଗୃହ ଉଦ୍‌ଘାଟିତ ହୋଇଅଛି । ଏହି ଅବସରରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଣୀ ପ୍ରତିଭା ବେହେରା ଉପସ୍ଥିତ ରହି ପୋଲିସ ଗୃହ ନିର୍ମାଣ ସଂସ୍ଥାର ଏହିଭଳି ମହତ ଦାନକୁ ପ୍ରଶଂସା କରିଥିଲେ ଏବଂ ଜିଲ୍ଲାପାଳଙ୍କ ଜରିଆରେ ସୁବିଧା ପାଇଁ ପିଲାମାନଙ୍କର ଖାଇବା ଟେବୁଲ ଏବଂ ଚୌକିର ବ୍ୟବସ୍ଥା କରାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଉଦଘାଟକ ବିଧାୟକ ଅଶ୍ୱିନୀ ପାତ୍ର ମହୋଦୟ ବିଦ୍ୟାଳୟର ଆବଶ୍ୟକୀୟ କାର୍ଯ୍ୟକ୍ରମକୁ ସହାୟତା ପ୍ରଦାନ କରିବାକୁ ପ୍ରତିଶୃତି ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟିର ସଦସ୍ୟ କମଳ ଚକ୍ରବର୍ତ୍ତୀ, ଇ-ଲେନିନ କୁମାର ପ୍ରଧାନ ଉପସ୍ଥିତ ଥିଲେ । ଏ ସମସ୍ତ କାର୍ଯ୍ୟକ୍ରମକୁ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଅଣ- ଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ । ଶେଷରେ ଅନୁଷ୍ଠାନର ବରିଷ୍ଠ ହିସାବ ରକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ ।

ମାଲଭିଆ ଜାତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ ଜୟପୁର
ଜବାହର ଲାଲ ନେହେରୁ ମାର୍ଗ, ଜୟପୁର ୩୦୨୦୧୭
ପିଏଚଡି ଏବଂ ମାଷ୍ଟର୍ସ ଡିଗ୍ରୀ ପ୍ରୋଗ୍ରାମ ୨୦୨୬-୨୭ରେ ପ୍ରବେଶ

F.4/A-1-1/2026-27/Acad/Ph.D/01

ଅଡ ସେମିଷ୍ଟର ୨୦୨୬-୨୭ (ଜୁଲାଇ ୨୦୨୬) ପାଇଁ ସମସ୍ତ ବିଭାଗ / କେନ୍ଦ୍ରରେ **ପିଏଚଡି ଏବଂ ଏମ.ଟେକ୍./ଏମ.ପ୍ଲାନ୍ (ପ୍ରାୟୋଜିତ (ପୂର୍ଣ୍ଣକାଳୀନ / ଅଂଶକାଳୀନ) ଏବଂ ପୂର୍ଣ୍ଣକାଳୀନ ସ୍ୱୟଂ-ଅର୍ଥପ୍ରାପ୍ତ)** ରେ ପ୍ରବେଶ ପାଇଁ ଅନଲାଇନ୍ ଆବେଦନ ଆମନ୍ତ୍ରିତ କରାଯାଇଛି । ଅଧିକ ସୂଚନା ପାଇଁ **www.mnit.ac.in** ପରିଦର୍ଶନ କରନ୍ତୁ । ଅନଲାଇନ୍ ଆବେଦନ ଦାଖଲର ଶେଷ ତାରିଖ ୦୭ ମଇ ୨୦୨୬ ।

cbc 21312/11/0003/2627

ସ୍ୱା/-
ଅଧ୍ୟକ୍ଷ

# ତହସିଲଦାରଙ୍କ ଉପରେ ଆକ୍ରମଣକୁ ନେଇ ଜିଲ୍ଲା ଓଏଏସ୍ ସଂଘର କ୍ଷୋଭ ପ୍ରକାଶ



ଯାଜପୁର(ନିପ୍ର): କିଛି ଦିନ ପୂର୍ବରୁ ବ୍ୟାସନଗର ତହସିଲଦାର ପ୍ରଶାନ୍ତ ପଣ୍ଡାଙ୍କ ଉପରେ ହୋଇଥିବା ଆକ୍ରମଣକୁ ନେଇ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ଯାଜପୁର ଜିଲ୍ଲା ସଂଘ ପକ୍ଷରୁ ଏକ ବୈଠକ କରାଯାଇ ଏଭଳି ଅପରାଧିକ ଆକ୍ରମଣ ଉଦ୍ୟମକୁ ଦୃଢ଼ ନିନ୍ଦା ସହ କ୍ଷୋଭ ପ୍ରକାଶ କରାଯାଇଛି । ଆଜିର ଏହି ବୈଠକରେ ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀ ପ୍ରସାଦ ମହାନ୍ତିଙ୍କ ସମେତ ଜିଲ୍ଲାର ବହୁ ବରିଷ୍ଠ ଓଏଏସ୍ ଅଧିକାରୀ, ଯାଜପୁର ଜିଲ୍ଲାର ସମସ୍ତ ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ସମସ୍ତ ଡେପୁଟି କଲେକ୍ଟର ଯୋଗ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଆକ୍ରମଣ ଦିନର ଘଟଣାକ୍ରମ ସମ୍ପର୍କରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ । ସୂଚନା ଯୋଗ୍ୟ, ଅବୈଧ ଲଘୁ ଖଣିଜ ଚାଲାଣ ମାମଲା ସମ୍ବନ୍ଧୀୟ ଖବର ପାଇ ବ୍ୟାସନଗର ତହସିଲଦାର ଛାପା ମାରିବା ପାଇଁ ଘଟଣା ସ୍ଥଳରେ ପହଂଚିଥିଲେ । ସେଠାରେ ତହସିଲଦାରଙ୍କ ଉପରେ ଟ୍ରାକ୍ଟର ଦ୍ୱାରା ଆକ୍ରମଣ ହେବା ପରେ ସେ ଗୁରୁତର ଆହତ ହୋଇ କୋରେଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ ଏବଂ ପରେ କଟକକୁ ସ୍ଥାନାନ୍ତରିତ କରାଯାଇଥିଲା । ଏହି ଘଟଣା ପରେ ପୋଲିସ ପ୍ରଶାସନ ଆକ୍ସନ ମୋଡକୁ ଆସି ଅଭିଯୁକ୍ତମାନଙ୍କୁ ଗିରଫ କରିଛି । ଜଣେ କର୍ତବ୍ୟରତ ଅଧିକାରୀଙ୍କ ଉପରେ ଏଭଳି ଆକ୍ରମଣ ନିର୍ଶ୍ଚିତ ଭାବେ ଦୁର୍ଭାଗ୍ୟଜନକ ଏବଂ ନିନ୍ଦନୀୟ ବୋଲି ବରିଷ୍ଠ ଓଏଏସ ଅଧିକାରୀମାନେ ମତ ବ୍ୟକ୍ତ କରିଥିଲେ । ଏହାସହ ଏଭଳି ପରିସ୍ଥିତିକୁ କିଭଳି ଏଡ଼ାଇ ହେବ ଏବଂ ପୋଲିସ ଓ ଖଣି ଅଧିକାରୀଙ୍କ ସହ ସମନ୍ୱୟ ରକ୍ଷା କରି ସୁରକ୍ଷିତ ଭାବେ କର୍ତବ୍ୟ ସମ୍ପାଦନ କରାଯାଇପାରିବ, ସେ ସମ୍ପର୍କରେ ବରିଷ୍ଠ ଓଏଏସ ଅଧିକାରୀମାନେ ସେମାନଙ୍କ ଅଭିଜ୍ଞତା ବାଂଟିଥିଲେ । ଏଥିରୁ ନବନିଯୁକ୍ତ ଅଧିକାରୀମାନେ ଏଦିଗରେ ସଚେତନ ହୋଇପାରିବେ । ଆଗାମୀ ଦିନରେ ସଂଘକୁ ଆହୁରି ସୁଦୃଢ଼ କରାଯାଇ ପ୍ରତି ମାସରେ ଜିଲ୍ଲା ଓଡ଼ିଶା ପ୍ରଶାସନିକ ସେବା ସଂଘର ବୈଠକ ଡାକିବା ନେଇ ନିଷ୍ପତି ନିଆଯାଇଥିଲା । ଏହା ସହ ବୈଠକର ରିଜୋଲ୍ୟୁସନରେ ସଂଘର ସମସ୍ତ ଅଧିକାରୀ ସ୍ୱାକ୍ଷର କରିଥିଲେ ଏବଂ ଏହାକୁ ରାଜ୍ୟ ଓଏଏସ ସଂଘ ନିକଟକୁ ପ୍ରେରଣ କରାଯିବ ।

No. 8001/41/2627

ନୋଟିସ

ଏତଦଦ୍ୱାରା ଶ୍ରୀ ଦେବେନ୍ଦ୍ର ସିଂ, ପୂର୍ବତନ ବନରକ୍ଷୀ, ଯୋଡାଚୁଆ ବିଟ୍, କୁଲଡ଼ିହା ବନ କ୍ଷେତ୍ରାଧିକାରୀଙ୍କ କାର୍ଯ୍ୟାଳୟ ଙ୍କର ସ୍ଥାୟୀ ଠିକଣା ; ପିତା-ଶ୍ରୀ ସୁନାରାମ ସିଂ, ଗ୍ରାମ-ବେଗୁନିଆ, ପୋଷ୍ଟ-ବେଗୁନିଆ, ଭାୟା-ମିତ୍ରପୁର, ଥାନା-ନିଳଗିରି, ଜିଲ୍ଲା-ବାଲେଶ୍ୱର, ପିନ-୭୫୬୦୨୦ ବିଗତ ତା ୨୮.୦୪.୨୦୨୫ ରିଖ ଠାରୁ ତା ୨୯.୦୫.୨୦୨୫ ରିଖ ପର୍ଯନ୍ତ ସ୍ୱାସ୍ଥ୍ୟଗତ କାରଣରୁ ଛୁଟି ଦରଖାସ୍ତ ସହିତ ଡାକ୍ତରୀ ଚିକିତ୍ସା ଚିଠା ଉକ୍ତ ବନଖଣ୍ଡର ହସ୍ତଗତ ପରେ କୌଣସି ଛୁଟି ପ୍ରସାରଣ ର ଦରଖାସ୍ତ କିମ୍ବା ସୂଚନା ଏହି ବନଖଣ୍ଡର ହସ୍ତଗତ ନହେବାରୁ , ଉକ୍ତ ବନଖଣ୍ଡର ପତ୍ର ସଂଖ୍ୟା ୫୫୩୫ ତା ୦୭.୦୮.୨୦୨୫ ରିଖ ଓ ପତ୍ର ସଂଖ୍ୟା ୭୯୮ ତା ୨୭.୧୧.୨୦୨୫ ରିଖ ରେ ଆପଣଙ୍କ ସ୍ଥାୟୀ ଠିକଣା କୁ ଯୋଗାଯୋଗ କରାଯାଇଥିଲା ମାତ୍ର ବାରମ୍ବାର ପତ୍ରାଳାପ ଆପଣଙ୍କ ଦ୍ୱାରା ପ୍ରତ୍ୟାଖ୍ୟାନ ହେତୁ ନିୟମାନୁସାରେ ଉକ୍ତ ବନଖଣ୍ଡ ଏହି ପ୍ରେସ ବିବୃତି ମାଧ୍ୟମରେ ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦେଉଛନ୍ତି କି, ଉକ୍ତ ନୋଟିସ୍ ପାଇବା ମାତ୍ରେ ଉକ୍ତ ବନଖଣ୍ଡ ସହିତ ଯୋଗାଯୋଗ କରିବାକୁ ସୂଚିତ କରାଗଲା । ସୂଚନା ପାଳନ ର ଅବମାନନା କଲେ ଉକ୍ତ ବନଖଣ୍ଡ ତରଫରୁ ଆପଣଙ୍କୁ ପଳାତକ ଘୋଷଣା କରି , ଆବଶ୍ୟକ ସ୍ଥଳେ ଆପଣଙ୍କ ବିରୁଦ୍ଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବେ ।

Sd/-
Divisional Forest Officer,
Balasore Wildlife Division, Balasore

OIPR. 8001/8036/1/26-27/0001











ଭଗବାନଙ୍କ ନିକଟରେ ଆତ୍ମସମର୍ପଣ କରି ଦେଲେ, ତାଙ୍କ ଅନୁଗ୍ରହ ପାଇଁ ଅପେକ୍ଷା କରିବାର ଆବଶ୍ୟକତା ପଡ଼ିବ ନାହିଁ ।

## ଆଜିକାଲି



ତସ୍ୟ ସଂଜନୟନ୍ ହର୍ଷଂ କୁରୁବୃଦ୍ଧଃ ପିତାମହଃ ।
ସିଂହନାଦଂ ବିନଦ୍ୟୋଚ୍ଚୈଃ ଶଙ୍ଖଂ ଦଧ୍ମୌ ପ୍ରତାପବାନ୍
(ଶ୍ରୀମଦ୍ ଭଗବଦ୍ ଗୀତା)
ଭାବାର୍ଥ : ଦ୍ରୋଣାଚାର୍ଯ୍ୟଙ୍କୁ ରାଜା ଦୁର୍ଯ୍ୟୋଧନ ଏହିପରି କହିବା ପରେ କୌରବକୁଳର ବୃଦ୍ଧ ମହାପ୍ରତାପୀ ପିତାମହ ଭୀଷ୍ମ ଦୁର୍ଯ୍ୟୋଧନଙ୍କର ହୃଦୟରେ ହର୍ଷ ଉତ୍ପନ୍ନ କରାଇ ଉଚ୍ଚସ୍ୱରରେ ସିଂହନାଦ ପରି ଗର୍ଜନ କରି ଶଙ୍ଖ ବଜାଇଲେ ।

# ତାତିରୁ ତ୍ରାହି ନାହିଁ

ସାରା ରାଜ୍ୟର ପ୍ରତିଟି ଅନୁକୋଣରେ ତୀବ୍ର ରୌଦ୍ରତାତିର ତାପମାତ୍ରା ଶୀର୍ଷରେ ପହଂଚିଲାଣି । ବିଶେଷକରି ଗତ ୩ଦିନ ଧରି ୪୫ଡିଗ୍ରୀ ପାର ହୋଇ ରେକର୍ଡ଼ ସୃଷ୍ଟି କରିଛି । ଅପରପକ୍ଷେ ଅଧିକାଂଶ ଜିଲ୍ଲାରେ ୪୧ଡିଗ୍ରୀରୁ ୪୪ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ରହୁଛି । କହିବାକୁ ଗଲେ ତାପମାତ୍ରା ସାଙ୍ଗକୁ ଝାଂଜିମାଡ଼ ଯୋଗୁଁ ଲୋକେ ଡହଳ ବିକଳ ହେଉଛନ୍ତି । ଏପର୍ଯ୍ୟନ୍ତ ରାଜ୍ୟରେ ୨ଜଣରୁ ଅଧିକ ଅଂଶୁଘାତରେ ମୃତ୍ୟୁବରଣ କରିଛନ୍ତି ଏବଂ ବହୁ ୫୦ରୁ ଅଧିକ ଅଂଶୁଘାତରେ ଅସୁସ୍ଥ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ପାଣିପାଗ ବିଭାଗ ପକ୍ଷରୁ ତାତି ଆହୁରି ବଢ଼ିବ ବୋଲି କୁହାଯାଉଥିବା ବେଳେ ସରକାରୀ ଘରୋଇ ସ୍କୁଲ ଗୁଡ଼ିକୁ ଆସନ୍ତା ୨୫ତାରିଖ ଠାରୁ ଗ୍ରୀଷ୍ମଛୁଟି ଘୋଷରା କରାଯାଇଛି । ଆଶଙ୍କା ରହିଛି ତାତି ପୁଣି ବଢ଼ିବ । ସ୍କୁଲ ଛୁଟି ନିଷ୍ପତିକୁ ରାଜ୍ୟବାସୀ ଆଶ୍ୱସ୍ତି ପାଇବା ସ୍ୱାଭାବିକ । ଏପରିକି ବର୍ତମାନ ବାରିପଦା ରାଜ୍ୟର ଉତପ୍ତ ସହର ଭାବେ ପରିଣତ ହୋଇଛି । ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ଆହୁରି ତାତି ବଢ଼ିବା ଆଶଙ୍କା ଥିବାରୁ ରାଜ୍ୟବାସୀଙ୍କ ମନରେ ଏକ ପ୍ରକାର ଭୟ ସୃଷ୍ଟି ହୋଇଛି । ଅପରପକ୍ଷେ ଗତକାଲି ଦକ୍ଷିଣ ଓଡ଼ିଶାରେ କାଳବୈଶାଖି ଝଡ଼ବର୍ଷା ହେବାରୁ ଲୋକେ ସାମାନ୍ୟ ଆଶ୍ୱସ୍ତି ପାଇଛନ୍ତି । କାଳବୈଶାଖିର ଏପରି ପ୍ରଭାବ ଥିଲାଯେ ସେହିସବୁ ସ୍ଥାନରେ ବଡ଼ବଡ଼ ଗଛ ଉପୁଡ଼ିବା ଯୋଗୁଁ ୨ଜଣଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରାଜ୍ୟବାସୀଙ୍କୁ ସଚେତନତା କରିବା ସହ ଅଂଶୁଘାତରୁ ମୁକାବିଲା କରିବା ପାଇଁ ସମସ୍ତ ସରକାରୀ ଓ ବେସରକାରୀ ଚିକିତ୍ସାଳୟରେ ବେଡ଼ ବଢ଼ାଇ ଦିଆଯାଇଛି ଏବଂ ଔଷଧ ବଢ଼ାଇ ଦିଆଯାଇଛି । କେବଳ ଓଡ଼ିଶାରେ ନୁହେଁ ଦେଶର ବହୁ ସ୍ଥାନରେ ନାହିଁ ନଥିବା ତାତି ଅନୁଭବ ହେଉଛି ।

# ଦୟାଭାବ ଓ ନିଃସ୍ୱାର୍ଥପରତା ସହ ସେବା



ଶ୍ରୀ ସତ୍ୟସାଇ ବାବାଙ୍କ ମହାପ୍ରୟାଣ ଦିବସ ଉପଲକ୍ଷେ

◆ ସୌର ଚନ୍ଦ୍ର ମହାପାତ୍ର

ଦୟାଭାବ ଓ ନିଃସ୍ୱାର୍ଥପରତା ସହ କରାଯାଉଥିବା ସେବା ହିଁ ପ୍ରକୃତ ସେବା । ବନ୍ଧୁ ଭାବର ତଥା ଶ୍ରଦ୍ଧାପୂର୍ବକ କରାଯାଉଥିବା ସେବା ହିଁ ପ୍ରଶାନ୍ତି ନିଳୟମକୁ ପଡ଼ିଥିବା ରାଜପଥ । ଭଗବାନ ବାବା ତାଙ୍କ ଦିବ୍ୟ ସମ୍ଭାଷଣରେ କହିଛନ୍ତି ଯେ, ଏ ଜୀବନ ସ୍ୱାର୍ଥରହିତ ସେବାରେ ଲାଗିବା ପାଇଁ ଉଦ୍ଦିଷ୍ଟ, ସ୍ୱାର୍ଥପର ଅଭିଳାଷ ପୂରଣ କରିବା ପାଇଁ ନୁହେଁ । ମାନବ ଜାତିର ଏକତ୍ୱ ଉପଲବ୍ଧ ହୋଇପାରିବ କେବଳ ନିଃସ୍ୱାର୍ଥ ସେବା ମାଧ୍ୟମରେ । ନିଃସ୍ୱାର୍ଥ ସେବା ହିଁ କର୍ମଯୋଗର ରହସ୍ୟ । ଏପରି ନିଃସ୍ୱାର୍ଥପର ସେବା ପ୍ରଦାନ କରୁଥିବା ବ୍ୟକ୍ତିମାନେ ସମାଜରେ ସମ୍ମାନ ଲାଭ କରିଥାନ୍ତି ଏବଂ ସମ୍ମାନ ଲାଭ କରିଥିବା ବ୍ୟକ୍ତିମାନେ ଈଶ୍ୱରଙ୍କ କୃପା ଲାଭ କରିବା ପାଇଁ ଯୋଗ୍ୟ ହୋଇଥାନ୍ତି । ଆମ ସମସ୍ତଙ୍କୁ ଏହି ସତ୍ୟକୁ ଜାଣିବାକୁ ପଡ଼ିବ । ନିଃସ୍ୱାର୍ଥପର ସେବା ସଙ୍ଗେ ସଙ୍ଗେ ତ୍ୟାଗ ଭାବ ଥିବା ଦରକାର । ଯେଉଁ ସେବା କର୍ମରେ ନିଃସ୍ୱାର୍ଥପରତା ଓ ଭଗବାନଙ୍କ ପ୍ରତି ଉତ୍ସର୍ଗୀକୃତ ଭାବ ମିଶିଥାଏ, ତାହା ହିଁ ନିଃସ୍ୱାର୍ଥପର ସେବା ପଦବାଚ୍ୟ । ସମଗ୍ର ମାନବ ଜାତି ପାଇଁ ପ୍ରେମ ଭାବ ହିଁ ଜୀବନି ଶକ୍ତି ତଥା ତ୍ୟାଗର ସୌରଭ । ଜଣେ ଯେତେ ବଡ଼ ମଣିଷ ହୋଇଥାଉ ପଛକେ ତାକୁ ବୁଝିବାକୁ ହେବ ଯେ, ଜୀବନ କେବଳ ନିଃସ୍ୱାର୍ଥପର ସେବାରେ ଲାଗିବା ପାଇଁ ଉଦ୍ଦିଷ୍ଟ । ସେବା କଲାବେଳେ ବୃଥା ଆଡ଼ମ୍ବର ନରହି ବିଶାଳ ହୃଦୟ ସହ ପ୍ରେମଭାବକୁ ଅଭିବୃଦ୍ଧି କରିବା ଜରୁରୀ । ସତ୍ୟସାଇ ସଂଗଠନର କର୍ମୀମାନେ ସଂଗଠନର ମେରୁଦଣ୍ଡ । ଆମେ ଯେଉଁ ସେବା କରୁନା କାହିଁକି, ତାହା ନିଃସ୍ୱାଥପର ଭାବରେ ହେବା ଉଚିତ । ତାହେଲେ ଯାଇ ଆମେ ଜୀବନର ସର୍ବୋଚ୍ଚ ସୋପାନରେ ପହଂଚ୍ ପାରିବା । ଜପ, ଧ୍ୟାନ, ଯଜ୍ଞ, ଶାସ୍ତ୍ରଜ୍ଞାନ, ତୀର୍ଥଯାତ୍ରା ପ୍ରଭୃତି ଆଧ୍ୟାତ୍ମିକ କର୍ମମାନ ନିଃସ୍ୱାର୍ଥ ସେବାର ସମକକ୍ଷ ନୁହଁନ୍ତି । କେବଳ ନିଜ ପାଇଁ ମୁକ୍ତି ଚାହିଁବା ଠିକ୍ ନୁହେଁ, ଅନ୍ୟମାନଙ୍କ ମୁକ୍ତି ପାଇଁ ଉଦ୍ୟମ କରିବା ଉଚିତ ତାହା ହିଁ ପ୍ରକୃତ ସେବା । ପ୍ରତ୍ୟେକ ମଣିଷର ଗୋଟିଏ ଶରୀର ଅଛି, ତାହା ହେଉଛି ରଥସଦୃଶ । ଏଥିରେ ସାରଥି ହେଉଛି ଆତ୍ମା । ଏହା ଏକ ଶାଶ୍ୱତ ସତ୍ୟ ଏବଂ ମାନବ ଜାତିର ବିବିଧତା ମଧ୍ୟରେ ଏକତ୍ୱ, ଏହି ଭିତିଭୂମି ଉପରେ ପର୍ଯ୍ୟବେସିତ । ଭଗବାନ ବାବା ଧରାଅବତରଣ କରିସାରିଲା ପରେ ଏକଦା ଉଦ୍‌ଘୋଷଣ କରି କହିଥିଲେ - 'ନାହଂ ମନୁଷ୍ୟୋ ନ ଚ ଦେବଃ ଯକ୍ଷଃ । ନ ବ୍ରାହ୍ମଣଃ କ୍ଷତ୍ରିୟଃ ବୈଶ୍ୟଃ ଶୂଦ୍ରଃ । ନ ବ୍ରହ୍ମଚାରୀ ନ ଗୃହୀ ନ ବନସ୍ଥଃ । ଅହଂ ସତ୍ୟବୋଧକଃ ସତ୍ୟଂ ଶିବଂ ସୁନ୍ଦରମ୍ ।।' ସାଇଙ୍କ ର କର୍ମ ହିଁ ସେ ଅତିମାନସ ଦିବ୍ୟଶକ୍ତି ଯେ ଜୀବଜଗତ୍ ମଧ୍ୟରେ ପରିବ୍ୟାପ୍ତ ସେଇ ଚେତନା ଜାଗ୍ରତ କରାଇବା - ପ୍ରତ୍ୟେକ ବ୍ୟକ୍ତି କାହିଁକି, ସଂସାରର ସବୁକିଛିକୁ ରୂପାନ୍ତରିତ କରିବା । ଆମେମାନେ ଯେଉଁ କର୍ମ ସମ୍ପାଦନ କରୁଛେ ଏହା ଆମ ନିଜ ପାଇଁ ନା ସମାଜ ପାଇଁ । ଆଜିକାଲି ବହୁତ କମ୍ ଲୋକ ସମାଜ ପାଇଁ ଆଗ୍ରହ ପ୍ରକାଶ କରିଥାନ୍ତି । କେତେକ କ୍ଷେତ୍ରରେ ସମାଜ ସେବା କରିବାକୁ ଯାଇ ଲୋକେ ନିଜ ସ୍ୱାର୍ଥକୁ ପ୍ରାଥମିକତା ଦେଇଥାନ୍ତି । କିନ୍ତୁ ଆମ ସମସ୍ତଙ୍କୁ ସାଇ ଚିନ୍ତନ ଓ ସେବାର ମହକକୁ ପ୍ରଚାର ପ୍ରସାର କରିବା ପାଇଁ ଦାସାନୁଦାସ ହୋଇ ନିଃସ୍ୱାର୍ଥପର ଓ ଉତ୍ସର୍ଗୀକୃତ କାମ କରିବାକୁ ପଡ଼ିବ । ବାବା କହିଛନ୍ତି ଆମେ ସମସ୍ତେ ପବିତ୍ର ଆତ୍ମା । ଯେଉଁ କର୍ମୀମାନେ ତ୍ୟାଗଭାବ ନେଇ କର୍ମ କରୁଥାନ୍ତି ବାବା ସେମାନଙ୍କୁ କୃପା ବର୍ଷଣ କରିଥାନ୍ତି । ତ୍ୟାଗ ଠାରୁ ବଡ଼ ଆଉ କ'ଣ ଅଛି ? ଯେଉଁମାନେ ତ୍ୟାଗ ସ୍ୱୀକାର କରନ୍ତି ସେମାନେ ହିଁ ଈଶ୍ୱରଙ୍କର ପ୍ରିୟ । ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଶକ୍ତି ଓ ଆକର୍ଷଣ ଏତେ ମହାନ ଓ ବ୍ୟାପକ । ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ବିଶ୍ୱର ପ୍ରାୟ ସବୁ ଦେଶର ଅଧିବାସୀ ମାନଙ୍କ ମଧ୍ୟରୁ ବେଶ୍ ଆଜି ଉଲ୍ଲେଖଯୋଗ୍ୟ ସଂଖ୍ୟାରେ ଆଜି ଶ୍ରୀ ସତ୍ୟସାଇ ବାବାଙ୍କୁ ଭଗବାନଙ୍କ ପୂର୍ଣ୍ଣ ଅବତାର ଭାବରେ ଗ୍ରହଣ କରିସାରିଲେଣି । ସମସ୍ତ ଧର୍ମ ସ୍ୱୀକାର କରେ ଯେ ଭଗବାନ କରୁଣା ବଳରେ ମଣିଷ ଜୀବନର ସାର୍ଥକତା ପ୍ରତିପାଦିତ ହୋଇପାରିବ, ଏକଥା ସତ୍ୟ ହେଲେ ବି କିପରି ଭଗବାନଙ୍କ କରୁଣା ଲାଭ କରିହେବ ସେ ସମ୍ପର୍କରେ ବାବାଙ୍କ ଦିବ୍ୟବାଣୀ ହେଲା, 'ତୁମର ଉଦ୍ୟମ ପ୍ରଥମ, ଭଗବାନଙ୍କ କରୁଣା ଦ୍ୱିତୀୟ ।' ଏହାଦ୍ୱାରା ସେ ଭଗବାନ କରୁଣାକୁ ନ୍ୟୂନ କରିନାହାନ୍ତି ବରଂ ଏହାର ସର୍ବବ୍ୟାପକତା ବିଷୟରେ ସଚେତନ କରିଦେଇଛନ୍ତି । ଅତି ସରଳ ଭାବରେ ବୁଝାଇବାକୁ ଯାଇ ବାବା କହିଛନ୍ତି ଯେ, 'ତୁମେ ଭଲ ଫଳ ପାଇବାକୁ ଚାହୁଁଛ, ଅଥଚ ଭଲ କାର୍ଯ୍ୟ କରୁନାହଁ ସେହି ପରି ମନ୍ଦ ଫଳ ଭୋଗ କରିବାକୁ ଚାହୁଁ ନଥିଲେ ମଧ ମନ୍ଦ କାର୍ଯ୍ୟରୁ ନିବୃତ ହୋଇ ପାରୁନାହଁ ।' ଏହା ସ୍ପଷ୍ଟଭାବେ ସୂଚାଉଛି ଯେ ଆମେ ଅତୀତରେ କରିଥିବା କର୍ମ ଆଜି ଆମ ଆରମ୍ଭରେ ପ୍ରାରବ୍ଧ ଭାବେ ଦଣ୍ଡାୟମାନ ହୋଇଛି ଏବଂ ଏବେ କରୁଥିବା କର୍ମ ଭବିଷ୍ୟତ ପାଇଁ ଭିତିପ୍ରସ୍ତ ସ୍ଥାପନ କରିବ । ସାଇଙ୍କ କର୍ମ ହିଁ, ସେ ଅତିମାନସ ଦିବ୍ୟଶକ୍ତି ଯେ ଜୀବ ଜଗତ ମଧ୍ୟରେ ପରିବ୍ୟାପ୍ତ ସେହି ଚେତନା ଜାଗ୍ରତ କରାଇବା - ପ୍ରତ୍ୟେକ ବ୍ୟକ୍ତି କାହିଁକି ସଂସାର ସବୁକିଛିକି ରୂପାନ୍ତରିତ କରିବା । ଭଗବାନ ବାବାଙ୍କ ଅମୃତ ସମ୍ଭାଷଣ ଆମ ସମସ୍ତଙ୍କୁ ଦିବ୍ୟ ପଥରେ ଅଗ୍ରଗତି କରାଇବା ପାଇଁ ପଥ ଦେଖାଉ ଏହା ହିଁ କାମନା । ବାବା ତାଙ୍କ ସମ୍ଭାଷଣରେ ଉଲ୍ଲେଖ କରିଛନ୍ତି - 'ନାହଂ ମନୁଷ୍ୟୋ ନ ଚ ଦେବଃ ଯକ୍ଷଃ । ନ ବ୍ରାହ୍ମଣଃ କ୍ଷତ୍ରିୟଃ ବୈଶ୍ୟଃ ଶୂଦ୍ରଃ । ନ ବ୍ରହ୍ମଚାରୀ ନ ଗୃହୀ ନ ବନସ୍ଥ । ଅହଂ ସତ୍ୟବୋଧକଃ ସତ୍ୟଂ ଶିବଂ ସୁନ୍ଦରମ୍' ।

ବରିଷ୍ଠ ଆଇନଜୀବୀ,
ଓଡ଼ିଶା ହାଇକୋର୍ଟ,
କଟକ, ଦୂରଭାଷ :
୯୪୩୭୦୦୪୪୬୬

# ଉତ୍କର୍ଷ ଉତ୍କଳ ଉତ୍କୃଷ୍ଟ ସାହିତ୍ୟ



◆ବିଶ୍ୱଜିତ ନାୟକ

ଆମ ଉତ୍କଳର
ଉତ୍କୃଷ୍ଟ ସଂସ୍କୃତି ସାହିତ୍ୟ
ବଢ଼ାଇଛି ଆମର ଗୌରବ
ଆମର ଐତିହ୍ୟ !
ଆମ କବିବର ରାଧାନାଥ
ବ୍ୟାସକବି ଫକୀରମୋହନ
ଅଟନ୍ତି ଆମ ନୂଆ ଓଡିଶାର
ନୂଆ ପୋରୋଧା ନାୟକ !
ଓଡ଼ିଆଙ୍କ ପ୍ରାଣ କଳାଠାକୁର
ପହଣ୍ଡି କରିଲେ ବଡ଼ଦାଣ୍ଡରେ
ଜଗତଯାକର ଆଖି
ଅଟକିଯାଏ ଆମ ଓଡିଶାଠାରେ !
ବୀର ପାଇକଙ୍କ ରକ୍ତରେ ଲେଖା
ଆମ ପୂର୍ବ ଇତିହାସ
ବକ୍ସି ଜଗବନ୍ଧୁ ଜୟୀ ରାଜଗୁରୁ
ଅଟନ୍ତି ଆମର ଧୈର୍ଯ୍ୟ ସାହସ !
କୋଣାର୍କ ମନ୍ଦିର , ବାରବାଟୀ ଦୁର୍ଗ
ଅଟେ ଆମ ନୂଆ କଳିଙ୍ଗର
ଅନ୍ୟ ତମ ଗର୍ବ !
ବାର ବରଷର ବାଜିରାଉତ
ଶିଖାଇ ଦେଇଛି ଦେଶପ୍ରେମ
ଅମର କରିଛି ଆମର ଐତିହ୍ୟକୁ
ଧର୍ମପଦ ସେ ବଳିଦାନ !
ବୀର ପ୍ରସବୀନୀ
ଉତ୍କଳ ମାତାର ସନ୍ତାନ ବୋଲି
ଗର୍ବରେ ଛାତି ମୋର ଫୁଲିଉଠେ
ଓଡ଼ିଆ ଭାଷା ମୋ ସବୁଠୁ ସୁନ୍ଦର
ମନ ମୋର କହି ଉଠେ !

ତୁଣ୍ଡପଡ଼ା, କେଦାରପୁର
ସୋରୋ, ବାଲେଶ୍ୱର
ମୋ - ୭୯୭୮୨୫୬୩୮୬

# ସାଇ ଆରାଧନା ମହୋତ୍ସବ

◆ ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ

ଯୁଗେ ଯୁଗେ ଏ ସଂସାରରେ ଧର୍ମର ପରିପାଳନ କରିବା ପାଇଁ ଭଗବାନ ନିରାକାରରୁ ସାକାର ହୋଇ ଅବତାର ଗ୍ରହଣ କରିଥାନ୍ତି । ଭଗବାନ ଶ୍ରୀ ସତ୍ୟସାଇଙ୍କ ଅବତାରତ୍ୱ ବିଷୟରେ ଅନେକ ମହାପୁରୁଷ, ଯୋଗୀ, ଋଷୀ ଓ ସାଧୁ ସନ୍ଥମାନେ ବିଭିନ୍ନ ଗ୍ରନ୍ଥ ମାନଙ୍କରେ ଉଲ୍ଲେଖ କରିଛନ୍ତି, ଯାହା ସତ୍ୟ ପ୍ରମାଣିତ ହୋଇଛି । ୧୯୨୬ ମସିହା ନଭେମ୍ବର ମାସ ୨୩ ତାରିଖରେ ଆନ୍ଧ୍ରପ୍ରଦେଶର ଅନନ୍ତପୁର ଜିଲ୍ଲା ପୁଟ୍ଟାପର୍ତି ଗ୍ରାମରେ ଜନ୍ମ ଗ୍ରହଣ କରି ୨୦୧୧ ମସିହା ଅପ୍ରେଲ ମାସ ୨୪ ତାରିଖରେ ସେ ଶରୀର ତ୍ୟାଗ କରିଥିଲେ । ଏହି ମହାସମାଧି ଦିନଟିକୁ ସତ୍ୟ ସାଇ ସଂଗଠନରେ ଆରାଧନା ମହୋତ୍ସବ ଭାବରେ ପାଳନ କରାଯାଉଛି । ସମଗ୍ର ଏପିଲ ମାସଟିକୁ ତ୍ୟାଗ ଓ କ୍ଷମାର ମାସ ଭାବରେ ପରିଗଣିତ କରାଯାଏ । ଖାଲି ଏପ୍ରିଲ ମାସ ନୁହେଁ ଆମ ଜୀବନର ପ୍ରତ୍ୟେକ ମାସ, ଦିନ, ଦଣ୍ଡ ତ୍ୟାଗର ସମୟ ହେବା ଉଚିତ । ଭଗବାନ ବାବାଙ୍କ ଜୀବନର ଆରମ୍ଭରୁ ଶେଷ ଯାଏ ତ୍ୟାଗର ଜୀବନ ଥିଲା । ସମଗ୍ର ଜୀବନ ସେ ମାନବ ସମାଜର କଲ୍ୟାଣ ପାଇଁ ଚିନ୍ତା କରୁଥିଲେ । ଆମ ମାନଙ୍କ ପାଇଁ ଅନେକ ଉପଦେଶ ଓ ବାର୍ତ୍ତା ସେ ଦେଇ ଯାଇଛନ୍ତି । ତାଙ୍କ ରଚିତ ଧର୍ମ ବାହିନୀ, ପ୍ରେମ ବାହିନୀ, ଧ୍ୟାନ ବାହିନୀ, ଜ୍ଞାନ ବାହିନୀ ଇତ୍ୟାଦି ଅନେକ ପୁସ୍ତକ ପ୍ରତ୍ୟେକ ଗୋଟିଏ ଲେଖାଏଁ ଅମୂଲ୍ୟ ଗ୍ରନ୍ଥ । ଭଗବାନ ଶ୍ରୀ ସତ୍ୟସାଇ ବାବା ଅବତାର ଗ୍ରହଣ କରି ମାନବ ସମାଜକୁ ବହୁତ କିଛି ଅବଦାନ କରିଛନ୍ତି । ଜଳପ୍ରକଳ୍ପ, ସ୍ୱାସ୍ଥ୍ୟ ପାଇଁ ସୁପର ସ୍ପେଶାଲିଟି ହସ୍ପିଟାଲ, ଶିକ୍ଷା ପାଇଁ ଅତି ଉନ୍ନତମାନର ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଇତ୍ୟାଦି । ଏତିକି କ'ଣ ଭଗବାନଙ୍କ ଅବତାରର ଉଦ୍ଦେଶ୍ୟ । ଭଗବାନ ବାବାଙ୍କର ମାନବ ସମାଜକୁ ସବୁଠାରୁ ବଡ଼ ଅବଦାନ ହେଉଛି ପ୍ରେମ । ଯାହା ସେ ତାଙ୍କ ଅବତାର ଗ୍ରହଣ ଅବସରରେ ସମସ୍ତଙ୍କୁ ଦେଇ ଯାଇଛନ୍ତି । ତାଙ୍କର ବାଣୀ ସମସ୍ତଙ୍କୁ ଭଲପାଅ ଓ ସମସ୍ତଙ୍କ ସେବାରେ ସମସ୍ତେ ହୃଦୟଙ୍ଗମ କରିବା ଉଚିତ । କାରଣ ପ୍ରେମ ହିଁ ପରମାତ୍ମାଙ୍କ ପ୍ରକୃତ ସ୍ୱରୂପ । ପ୍ରେମ ମଣିଷ ମଣିଷ ଭିତରେ ଏକତ୍ୱବୋଧ ସୃଷ୍ଟି କରେ । ବାବାଙ୍କ ଭାଷାରେ ପ୍ରେମରେ ପ୍ରଦୀପ ହୁଅ । ଯେପରି ଗୋଟିଏ ବତୀରୁ ହଜାର ହଜାର ବତୀ ଜଳାଯାଇପାରେ ପ୍ରେମ ଲକ୍ଷ ଲକ୍ଷ ଲୋକଙ୍କୁ ବାଂଟିଲେ ମଧ ସରିଯାଏ ନାହିଁ । ବରଂ ଏହା ବୃଦ୍ଧି ପାଏ । ସେ କହନ୍ତି ଈଶ୍ୱରଙ୍କୁ ପ୍ରେମ କଲେ ତାଙ୍କର କୃପାଦୃଷ୍ଟି ଆମ ଉପରେ ପଡ଼େ । ଏହାଦ୍ୱାରା ଆମର ସମସ୍ତ ପାପ ଧୌତ ହୋଇଯାଏ ଓ ସମସ୍ତ ବିପଦ ଆପଦ ଦୂର ହୋଇଯାଏ । ଭଗବାନ ବାବାଙ୍କର ଆଉ ଏକ ବାର୍ତ୍ତା ହେଲା ସପ୍ରେମ ସେବା ହିଁ ସର୍ବୋତମ ଉପାସନା । ସେବା ବ୍ୟକ୍ତି ପରିବର୍ତନର ସହାୟକ । କର୍ମଫଳ ଖଣ୍ଡନ କରିବା ସହ ଅହଂକାରକୁ ବିନାଶ କରିବା ପାଇଁ ସେବା ହିଁ ପ୍ରକୃଷ୍ଟ ସାଧନା । ସେ କହନ୍ତି ତୁମକୁ ସେବା କରିବା ପାଇଁ ମନୁଷ୍ୟ ଜୀବନ ଦିଆ ହୋଇଛି । ଜୀବନ ସେବା ରହିତ ହେଲେ ପର ଜନ୍ମରେ ରସାତଳଗାମୀ ହୋଇପାର । ମନୁଷ୍ୟ ସେବା କର, ତାହା ଈଶ୍ୱରଙ୍କ ନିକଟରେ ନୈବେଦ୍ୟ ରୂପେ ସମର୍ପିତ ହେବ । ସେବା ଦ୍ୱାରା ଆମ ଅନ୍ତର ଭିତରେ ଦୟା, କ୍ଷମା, କରୁଣା, ପ୍ରେମ ଓ ଶାନ୍ତି ରୂପଙ୍କ ମୂଲ୍ୟବୋଧ ଜାତ ହୁଏ । ନିଜେ ଅବତାର ମର୍ତ୍ତ୍ୟଧାମରେ ଅବତୀର୍ଣ୍ଣ ହୋଇ ମାନବ ସେବା କରନ୍ତି । ଜପ, ଧ୍ୟାନ, ଯଜ୍ଞ, ଶାସ୍ତ୍ର ଅଧ୍ୟୟନ, ତୀର୍ଥଯାତ୍ରା ପ୍ରଭୃତି ଆଧ୍ୟାତ୍ମିକ କର୍ମମାନ ନିଃସ୍ୱାର୍ଥ ସେବାର ସମକକ୍ଷ ନୁହଁନ୍ତି । ମାନବ ଜାତିର ବିବିଧତା ମଧ୍ୟରେ ଏକତ୍ୱ ଭାବ କେବଳ ବୋ ଓ ପ୍ରେମ ମାଧ୍ୟମରେ ଜାଗ୍ରତ ହୋଇଥାଏ । ଭଗବାନ ବାବା ଏକଦା ଉଦ୍‌ଘୋଷଣା କରି କହିଥିଲେ - 'ନାହଂ ମନୁଷ୍ୟୋ ନ ଚ ଦେବଃ ଯକ୍ଷଃ । ନ ବ୍ରାହ୍ମଣଃ କ୍ଷତ୍ରିୟଃ ବୈଶଃ ଶୂଦ୍ରଃ । ନ ବ୍ରହ୍ମଚାରୀ ନ ଗୃହୀ ନ ବନସ୍ଥଃ ଅହଂ ସତ୍ୟବୋଧକଃ ସତ୍ୟଂ ଶିବଂ ସୁନ୍ଦରମ୍ ।' ସେ କହନ୍ତି, 'ମୋ ଜୀବନ ହିଁ ମୋ ବାର୍ତ୍ତା ।' ଏହା ଉପଲବ୍ଧି କଲେ ପ୍ରତ୍ୟେକ ବ୍ୟକ୍ତି କାହିଁକି ସଂସାରର ସବୁକିଛି ରୂପାନ୍ତରିତ ହୋଇପାରିବ । ତାଙ୍କର ସେ ଦିବ୍ୟଶକ୍ତି ଜୀବଜଗତ ସଚରାଚର ପରିବ୍ୟାପ୍ତ ହୋଇ ରହିଛି । ଏପ୍ରିଲ ୨୪ ମହାସମାଧି ଦିବସଟିକୁ ଆରାଧନା ମହୋତ୍ସବ ଭାବରେ ସାରା ବିଶ୍ୱରେ ଥିବା ସତ୍ୟସାଇ ସଂଗଠନରେ ପାଳନ କରାଯାଉଛି । ବିଶେଷତଃ ବାଳବିକାଶ ପିଲାମାନଙ୍କ ଦ୍ୱାରା ନିଜ ନିଜ ଘରେ ଏପ୍ରିଲ ପହିଲା ଠାରୁ ଭଜନ ସତସଙ୍ଗ ଇତ୍ୟାଦି ଅନୁଷ୍ଠିତ ହେଉଛି । ଅନୁଷ୍ଠାନ ବିଭିନ୍ନ ପୋଗ୍ରାମରେ ଭଗବାନଙ୍କ ଫଟୋ, ବିଭୂତି ଓ ଦରିଦ୍ର ନାରାୟଣ ମାନଙ୍କୁ ଅନ୍ନ, ବସ୍ତ୍ର, ପ୍ରସାଦ ବଂଟନ କରାଯାଉଛି । ସଂଧ୍ୟାରେ ସାଇ ମନ୍ଦିର ମାନଙ୍କରେ ସମୂହ ଦୀପଦାନ ଓ ଭଜନ ସମାରୋହରେ ସାଇ ଆଶ୍ରିତ ମାନେ ଯୋଗଦାନ କରି ଭଗବାନଙ୍କ କୃପା ଭିକ୍ଷା କରନ୍ତି । ଭଗବାନଙ୍କ ବାଣୀ - 'ଯେଉଁ ପରମେଶ୍ୱର ପ୍ରତ୍ୟେକ ଦେହରେ ବିଦ୍ୟମାନ, ସମର୍ପିତ ସେବା ଦ୍ୱାରା ସେମାନଙ୍କୁ ପୂଜା ଅର୍ପଣ କରିପାରିଲେ ଈଶ୍ୱରଙ୍କର ସନ୍ଧାନ ମିଳିବ ।' ଆସନ୍ତୁ ଏହାକୁ ପାଥେୟ କରି ଆମର ଜୀବନଯାତ୍ରାକୁ ତୀର୍ଥ ଯାତ୍ରାରେ ପରିଣତ କରିବା । ଏହା ହେବ ସାଇ ଆରାଧନା ମହୋତ୍ସବର ପ୍ରକୃତ ଅର୍ଘ୍ୟ ।

ପ୍ଲଟ ନଂ-୧୦୮୨/ଡି,
ମର୍କତ ନଗର, ସିଡିଏ,
ସେକ୍ଟର-୬, କଟକ :
୯୮୬୧୩୫୫୬୨୮

## ସାଇବାଣୀ

✦ମନୁଷ୍ୟ ଯେତେବେଳେ ମନକୁ ବଶ କରି ପ୍ରଭୁଙ୍କ ପାଦପଦ୍ମରେ ଏକାଗ୍ର କରେ ସେତେବେଳେ ସେ ସମାଧିପ୍ରାପ୍ତି କରିଥାଏ ।

✦ ସ୍ୱୟଂକୁ ଜାଣିବା ହିଁ ବ୍ରହ୍ମକୁ ଜାଣିବା ।

✦ ବ୍ରହ୍ମ ସର୍ବମୟ ଅଟେ ଏବଂ ଏହାଙ୍କ ସମାପ୍ତି ସମ୍ଭବ ନୁହେଁ ।

✦ ସତ୍ୟ ଓ ଜ୍ଞାନ ପ୍ରାପ୍ତି ହୋଇଥିବା ବ୍ୟକ୍ତି ନିଜ ଭାଗ୍ୟକୁ ନିଜେ ନିୟନ୍ତ୍ରିତ କରିଥାଏ ।

✦ ଆତ୍ମୋଦ୍ଧାରର କେବଳ ଗୋଟିଏ ମାର୍ଗ- ଜ୍ଞାନ ପ୍ରାପ୍ତି ।

✦ ବାବାଙ୍କ ମତରେ ସନ୍ଥଙ୍କର ତିନୋଟି କାର୍ଯ୍ୟ ହେଲା - ଭକ୍ତଙ୍କୁ ଆଧ୍ୟାତ୍ମିକ ସହାୟତା କରିବା, ପ୍ରଭୁଙ୍କ ଦ୍ୱାରା ହିଁ ମନୁଷ୍ୟର ଭାଗ୍ୟ ନିର୍ମିତ ହୁଏ, ଏହା ବୁଝାଇବା, ପ୍ରଭୁଙ୍କ ପାଖରେ ସମର୍ପଣ ହିଁ ମୁକ୍ତିର ରାଜମାର୍ଗ- ଏହାଶିଖାଇବା

✦ ଆଜି ଯଦି କର୍ମର ଫଳ ନ ମିଳେ ତେବେ ତାହା ଅନ୍ୟ ଜନ୍ମରେ ମିଳିବ ।

✦ ଦୁଃସଙ୍ଗ ତ୍ୟାଗ କରି ସତ୍‌ସଙ୍ଗ କର ।

✦ ସତ୍‌ସଙ୍ଗ ମହିମା ହେଉଛି- ଦୁଃଖ ଦୂର କରେ, ପାପ ନାଶକରେ ଏବଂ ଜୀବନକୁ ସତ୍ ପଥରେ ଚଳାଏ ।

✦ କର୍ମହୀନ ବ୍ୟକ୍ତି କିଛି ପାଏ ନାହିଁ ।

✦ ବ୍ୟର୍ଥ ସମୟ ନଷ୍ଟ କର ନାହିଁ, ଅଳସୁଆ ହୁଅ ନାହିଁ, କାମ କର, ପ୍ରଭୁଙ୍କ ନାମ କର ଓ ଶାସ୍ତ୍ର ଅଧ୍ୟୟନ କର ।

✦ କର୍ମହୀନ ବ୍ୟକ୍ତି କିଛି ପାଏ ନାହିଁ ।

✦ ବ୍ୟର୍ଥ ସମୟ ନଷ୍ଟ କର ନାହିଁ, ଅଳସୁଆ ହୁଅ ନାହିଁ, କାମ, କର, ପ୍ରଭୁଙ୍କ ନାମ କର ଓ ଶାସ୍ତ୍ର ଅଧ୍ୟୟନ କର ।

+++

# ବିଶ୍ୱତ୍ରାଣ ସତ୍ୟସାଇ




ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଚରଣ କମଳରେ ଯେତେ କୋଟି ପ୍ରଣାମ ଜ୍ଞାପନ କଲେ ବି ତାହା ଯଥେଷ୍ଟ ମନେ ହୁଏନାହିଁ, କାରଣ ତାଙ୍କ କୃପାକଟାକ୍ଷ ଲାଭ କରି କୋଟି କୋଟି ନିଃସନ୍ତାନ ସନ୍ତାନ ଲାଭ କରିଛନ୍ତି, କୋଟି କୋଟି ଅପୁତ୍ରିକ ପୁତ୍ର ଲାଭ କରିଛନ୍ତି, କୋଟି କୋଟି ବାସହୀନ ବାସସ୍ଥାନ ପାଇଛନ୍ତି, କୋଟି କୋଟି ସମସ୍ୟା ବହୁଳ ଜୀବନର ସହଜ ସମାଧାନ ହୋଇପାରିଛି, କୋଟି କୋଟି ଅଶ୍ରୁଆର୍ଦ୍ର ନୟନରୁ ଦୁଃଖ ଦୂର ହୋଇ ଆନନ୍ଦର ବନ୍ୟା ଦେଖାଦେଇଛି । ସବୁଠାରୁ ବଡ଼ କଥା ତାଙ୍କ ନିର୍ଦ୍ଧାରିତ ପଥ ଅବଲମ୍ବନ କରି କଷ୍ଟକର ଜୀବନ ଇଷ୍ଟନିଷ୍ଠ ଜୀବନରେ ପରିଣତ ହୋଇଛି । ନୈତିକତା ହୀନ ପରିବାର ଉଚ୍ଛନ୍ନ ହୋଇଯିବାକୁ ବସିଥିଲାବେଳେ ସାଇ ଶିକ୍ଷାର ଚମତ୍କାରିତା ସେ ପରିବାର ଗୁଡ଼ିକୁ ପୁର୍ନବାର ନୀତି ଓ ପ୍ରୀତି ପରିପୂର୍ଣ୍ଣ କରିଦେଇଛି । ସାଧାରଣ ଘର ଗୁଡ଼ିକ ମର୍ତ୍ତ୍ୟ ବୈକୁଣ୍ଠରେ ପରିଣତ ହୋଇପାରିଛି । ଏଭଳି ବ୍ୟକ୍ତିଗତ ଉପକାର ସଙ୍ଗେ ସଙ୍ଗେ ସାମାଜିକ, ପ୍ରାଦେଶିକ, ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଏପରିକି ଜାତିସଂଘ ମାଧ୍ୟମରେ ବି ସାଇ ତାଙ୍କ ଶିକ୍ଷାର ଚମତ୍କାରିତା ପ୍ରଦର୍ଶନ କରି ସମଗ୍ର ବିଶ୍ୱରେ ଶାନ୍ତି ଓ ମୈତ୍ରୀ ପ୍ରତିଷ୍ଠା ପୂର୍ବକ ପୃଥିବୀର ଅଶେଷ ଉପକାର କରିପାରିଛନ୍ତି । ପ୍ରତି ପାଂଚ ବର୍ଷରେ ଥରେ ଲେଖାଏଁ ସାଇ ସେବା ସଂଗଠନର ବିଶ୍ୱ ସମ୍ମିଳନୀ ଆୟୋଜନ କରି ବିଶ୍ୱର ପାଖାପାଖି ୧୪୦ ଦେଶର ଭକ୍ତମାନଙ୍କୁ ନିଜ ଚିନ୍ତାଧାରା, ନିଜ ଆଧ୍ୟାତ୍ମିକ ପ୍ରଭାବ ତଥା ପ୍ରଭାବଶାଳୀ ବ୍ୟକ୍ତିତ୍ୱ ମାଧ୍ୟମରେ ରୂପାନ୍ତରିତ କରି ସେମାନଙ୍କ ବ୍ୟକ୍ତିଗତ ସାମୂହିକ ତଥା ପାରିବାରିକ ଉନ୍ନତି, ଆନ୍ତରିକ ଶାନ୍ତି ଓ ସଂହତି ବୃଦ୍ଧି କରିବା ସହିତ ଆଧ୍ୟାତ୍ମିକତାର ଅଭିବୃଦ୍ଧି ଘଟାଇ କୋଟି କୋଟି ଆତ୍ମାର ଉନ୍ମେଷ ବିଧାନ କରି ଯେଉଁ ପରମ ମଙ୍ଗଳ ସାଧି ପାରିଛନ୍ତି ସେଥିପାଇଁ ସେ ସମଗ୍ର ବିଶ୍ୱର ଚିର ସ୍ମରଣୀୟ, ଚିର ବନ୍ଦନୀୟ ତଥା ଚିର ପୂଜନୀୟ ହୋଇ ରହିଥିବେ । ଶିକ୍ଷାକ୍ଷେତ୍ରରେ ସଂସ୍କାର, ସେବା କ୍ଷେତ୍ରରେ ସଂସ୍କାର, ସାମାଜିକ ଉନ୍ନତି ଦିଗରେ ସଂସ୍କାର, ସାଧାରଣ ଲୋକଙ୍କର ସାଧାରଣ ଆବଶ୍ୟକତା ପୂରଣ କରିବା ପାଇଁ ସେ ଯେଉଁ ପଦକ୍ଷେପ ନେଇଛନ୍ତି ତାହା ସମସ୍ତଙ୍କର ଅନୁକରଣୀୟ । କେବଳ କଥାରେ ଉପଦେଶ ନଦେଇ କାମରେ ଦେଖାଇ ଯେଉଁ ଉଦାହରଣ ଉପସ୍ଥାପନ କରିଦେଇଛନ୍ତି ତାହା କାଳ କାଳକୁ କେବଳ ଲୋକମାନଙ୍କୁ ନୁହେଁ ସରକାର ମାନଙ୍କୁ ମଧ ମାର୍ଗ ପ୍ରଦର୍ଶନ କରୁଥିବ । ଅଷ୍ଟମ ଶ୍ରେଣୀ ଯାଏ ପାଠ ତାହା ପୁଣି ଆନ୍ଧ୍ରପ୍ରଦେଶର ଉପାନ୍ତ ଅଂଚଳର ଅନ୍ଧାରୀମୂଳକର ଏକ ଅନାମଧେୟ ବିଦ୍ୟାଳୟରେ । ସେଭଳି ବ୍ୟକ୍ତିର କଥାରେ, ଭାଷଣରେ ଓ ଉପଦେଶରେ କି ଶକ୍ତି ଥିଲା ଯେ ତାହା ଦେଖୁ ଦେଖୁ ବିଶ୍ୱ ସାରା ପ୍ରସରି ଗଲା । ପୃଥିବୀର ସମସ୍ତ ଭାଷାରେ ଅନୁଦିତ ହୋଇଗଲା, ସବୁଠାରୁ ଆଶ୍ଚର୍ଯ୍ୟର କଥା ଦୃଷ୍ଟିଶକ୍ତି ବାଧିତ ମାନଙ୍କ ପାଇଁ ବ୍ରେଲ୍‌ରେ ମଧ ବହି ଛପା ହୋଇଗଲା । ସେ ଶକ୍ତି କଳନାର ବାହାରେ, ମଣିଷ ମସ୍ତିଷ୍କ ତାହାକୁ ଧାରଣ କରିପାରିବନାହିଁ ଏବେ ଭାବିଲେ ମଧ ମନ ହୃଦୟର ତନ୍ତ୍ରୀ କମ୍ପିଉଠେ ଯେ ଏତେ ବଡ଼ ଶକ୍ତି ଗୋଟିଏ ସାଧାରଣ ମାନବ ଶରୀର ଧରି ଧରାପୃଷ୍ଠରେ ଅବତରଣ କରିଥିଲା ଯାହାକୁ ଅବଲୋକନ, ଅନୁଧ୍ୟାନ ଯାହାର ସ୍ପର୍ଶନ ଓ ସମ୍ଭାଷଣ ପାଇବା ପାଇଁ ବିଶ୍ୱବାସୀ ମଧ ସେହି ସମୟ ଅବଧିରେ ଜନ୍ମଲାଭ କରି ତାଙ୍କ ଚର୍ମଚକ୍ଷୁକୁ ପବିତ୍ର କରିବା ସହ ନିଜ ନିଜର ସୌଭାଗ୍ୟର ବିସ୍ତାର ଓ ପ୍ରସାରକୁ ମାପ କରିବାକୁ ଅସମର୍ଥ ହୋଇଗଲେ । ଇତିମଧ୍ୟରେ ସତ୍ୟସାଇଙ୍କ ନିର୍ଦ୍ଦେଶିତ ମାର୍ଗରେ ଚାଲି ନିଜ ଜୀବନ ସହ ସାମାଜିକ ଜୀବନକୁ ସଜାଡ଼ିବାରେ ଲାଗିପଡ଼ିଛନ୍ତି ବିଶ୍ୱର କୋଟି କୋଟି ଆଶ୍ରିତ । ଏବଂ ଏହି କର୍ମ ମାଧ୍ୟମରେ ସାଇ ଶକ୍ତି ଭଳି ଏକ ଦିବ୍ୟ ଶକ୍ତିର ବଚନକୁ କର୍ମ ରୂପ ଦେଇ ଆତ୍ମ ଶାନ୍ତି ଲାଭ କରି ଜୀବନର ପରମ ଲକ୍ଷ୍ୟରେ ଉପନୀତ ହେବାପାଇଁ ସେମାନେ ଶତତ ଚେଷ୍ଟିତ । ଅଭାବୀ ଲୋକଙ୍କର ଅଭାବ ଦୂର କରିବା (ମାନସିକ ସ୍ତର, ଆର୍ଥିକ ସ୍ତର, ସାମାଜିକ ସ୍ତର)ର ଶିକ୍ଷାର ଆଲୋକ ପାଉନଥିବା ଅଂଚଳରେ ତାହା ଉପଲବ୍ଧ କରାଇବା, ସ୍ୱାସ୍ଥ୍ୟ ବ୍ୟବସ୍ଥା କରିବା, ଅସୁସ୍ଥତାରେ ଔଷଧ ଯୋଗାଇବା, ଶୁଶ୍ରୁଷା କରିବା, ଅନୁକମ୍ପା ଓ ଆଶ୍ୱାସନା ମାଧ୍ୟମରେ ମଣିଷର ଯେ ଉଧାର ସମ୍ଭବ ଏହା ମଧ କୋଟି କୋଟି ଲୋକ ଉପଲବ୍ଧି କଲେଣି । ସତ୍ୟସାଇଙ୍କ ପ୍ରଦତ ବାଣୀ 'ମାନବ ସେବା ହିଁ ମାଧବ ସେବା'କୁ ଆଧାର କରି ସେବା କରୁ କରୁ ଦିନେ ମଣିଷ ଉପଲବ୍ଧି କରିବ ଯେ ମାନବ ହିଁ ମାଧବ, ମଣିଷ ହିଁ ଭଗବାନ । ସେ କେବଳ ଏତିକିରେ ଅଟକି ଯିବନାହିଁ ମଣିଷ ସହ ସୃଷ୍ଟିର ପ୍ରତ୍ୟେକ ଜୀବ ଠାରେ ଈଶ୍ୱର ସତା ବିଦ୍ୟମାନ, ସେ କ୍ଷେତ୍ରରେ ଆମ କର୍ତବ୍ୟ କ'ଣ ତାହା ମଧ ଅନୁଭୂତିରେ ଆସିଯିବ । ଏହି ଆଧ୍ୟାତ୍ମିକ ଜ୍ଞାନ ମଣିଷକୁ ମଣିଷ ଜନ୍ମର ଗୁରୁତ୍ୱ ଓ ଏ ଜନ୍ମର ସାର୍ଥକତା ବାବଦରେ ସଚେତନ କରିଦେବ । ଛୋଟିଆ ଛୋଟିଆ ସେବା କରୁ କରୁ ସ୍ୱର୍ଗ ଆସି ହାତପାହାନ୍ତାରେ ମିଳିଯିବ ଏହା ହିଁ ସତ୍ୟସାଇଙ୍କ ବାଣୀ ଓ ଉପଦେଶରେ ଅନ୍ତର୍ନିହିତ ତାତ୍ପର୍ଯ୍ୟ । ମଣିଷ ଜନ୍ମ ହୋଇପଡ଼ିଲା ମାତ୍ରେ ପରିବାର ପ୍ରତି ଋଣୀ ହୋଇପଡ଼େ । ବହୁ ଲୋକଙ୍କ ବହୁ ପ୍ରକାର ସେବା ଓ ସାହାଯ୍ୟ ଲାଭ କରି ବଢ଼େ, ନିଜ ପରିଚୟ ସୃଷ୍ଟି କରେ, ନିଜ ଗୋଡରେ ନିଜ ଦଣ୍ଡାୟମାନ ହୁଏ, ଜୀବନର ଅନ୍ତିମ ପର୍ଯ୍ୟାୟ ପର୍ଯ୍ୟନ୍ତ ସେ ସମସ୍ତଙ୍କ ଠାରୁ କିଛି ନା କିଛି ପ୍ରକାର ସାହାଯ୍ୟ ଓ ସେବା ପାଇଥାଏ । ସାଧାରଣ ନିୟମ ଅନୁସାରେ ସେ ଋଣମୁକ୍ତ ହେବା ପାଇଁ ସମାଜର ଓ ପରିବାରର ସେବା କରିବା ଉଚିତ । ଯଦି ଜଣେ ଆଧ୍ୟାତ୍ମିକ ପାରଦର୍ଶିତା ଆଶା କରୁଥାଏ ତାହାକୁ ଅଧିକରୁ ଅଧିକ, ଅଧିକ ପ୍ରେମର ସହିତ, ଅଧିକ ଆନନ୍ଦଦାୟକ, ଅଧିକ କାଳ ପାଇଁ ସ୍ଥାୟୀ ସେବା ପ୍ରଦାନ କରିବାକୁ ହୁଏ । ଅଳ୍ପରୁ ଆରମ୍ଭ କରି ଅଧିକରେ ପହଂଚିବା ସମ୍ଭବ । ଧୈର୍ଯ୍ୟ ଓ ପ୍ରାର୍ଥନା ଏଥିପାଇଁ ଆମକୁ ଶକ୍ତି ଓ ସାମର୍ଥ୍ୟ ଯୋଗାଇବ । ଭଗବାନ ବାବାଙ୍କର ଏହି ବାଣୀ ଉପରେ ଆସ୍ଥା ଓ ବିଶ୍ୱାସ ରଖି ଚରୈବେତି ଚରୈବେତି ନୀତିରେ ଅଗ୍ରସର ହେବା ବିଜ୍ଞତାର ପରିଚୟ ହେବ । ସର୍ବୋପରି ପ୍ରଭୁ କୃପା ଆମର ସହାୟ ହେଉ, ବାଟ କଢ଼ାଇ ନେଉ ।





# ପଂଚାୟତିରାଜ ଭିତିଭୂମିରୁ ଅନ୍ତଦ୍ୱୟ

ଇଂରେଜ ମାନଙ୍କ ବିରୋଧରେ ଚାଲିଥିବା ସ୍ୱାଧୀନତା ଆନ୍ଦୋଳନ ପଛରେ ଆମ ନେତୃମଣ୍ଡଳୀର ସ୍ୱପ୍ନ ଥିଲା, ଆମ ଦେଶର ଶାସନ ଆମେ କରିବା ଏବଂ ଗଣତନ୍ତ୍ର ବ୍ୟବସ୍ଥା ସ୍ଥାପନ କରିବା । ଗଣତନ୍ତ୍ର ଶାସନ ଆସିଲେ ସମାଜର ସବୁଠାରୁ ତଳସ୍ତରରେ ଥିବା ଲୋକଟିର କଥା ଶୁଣିବାକୁ ଅଗ୍ରାଧିକାର ଦିଆଯିବ । ସ୍ୱାଧୀନ ଭାରତରେ ଗଣତାନ୍ତ୍ରିକ ପ୍ରକ୍ରିୟା ସହିତ ଜଡିତ ହୋଇ ଆରମ୍ଭ ହେଲା ପଂଚାୟତିରାଜ ବ୍ୟବସ୍ଥା । ସମ୍ବିଧାନର ୭୩ ତମ ସଂଶୋଧନ ପଂଚାୟତିରାଜ ବ୍ୟବସ୍ଥାକୁ ଏକ ସାମ୍ବିଧାନିକ ମର୍ଯ୍ୟାଦା ପ୍ରଦାନ କଲା । ଯାହା ଫଳରେ ସ୍ଥାନୀୟ ଅଧିବାସୀଙ୍କ ସକ୍ରିୟ ସହଯୋଗରେ ତୃଣମୂଳ ଗଣତନ୍ତ୍ର ପ୍ରତିଷ୍ଠା ସହିତ ରାଷ୍ଟ୍ର ନିର୍ମାଣରେ ତ୍ରିସ୍ତରୀୟ ପଂଚାୟତିରାଜ ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣକଲା ।

ରାଜ୍ୟରେ ୨୦୨୪ ମସିହାରେ ଲୋକଙ୍କ ସରକାର ଗଠନ ହେଲା ପରେ ବିକାଶ ମଡେଲ ୬ଟି ନୀତି ଉପରେ ଆଧାରିତ ହେଲା । ସେଗୁଡିକ ହେଲା"ଲୋକ ପ୍ରଥମେ ଆଧାରିତ ବିକାଶ ", "ଗ୍ରାମସଶକ୍ତିକରଣ ", "ଅନ୍ତର୍ଭୁକ୍ତି ଅଭିବୃଦ୍ଧି ", "ପ୍ରଯୁକ୍ତି ବିଦ୍ୟାର ଉନ୍ନତି ", "ସାଂସ୍କୃତିକ ଅସ୍ମିତା " ଏବଂ "ଦାୟିତ୍ୱପୂର୍ଣ୍ଣ ଶାସନ " ।ଏହାକୁ ପାଥେୟକରି ପଂଚାୟତିରାଜ ବିଭାଗ ଆଗକୁ ବଢିଚାଲିଛି ।ପଂଚାୟତିରାଜ ପ୍ରତିଷ୍ଠାନ ଗୁଡିକ ଶାସନ ବିକେନ୍ଦ୍ରୀକରଣର ପ୍ରଥମ ସୋପାନ ।ଭିତିଭୁମିର ବିକାଶ, ମୌଳିକ ସେବାଯୋଗାଣ, ଦାରିଦ୍ର୍ୟ ଦୂରୀକରଣ, କର୍ମ ନିଯୁକ୍ତି ଓଦକ୍ଷତା ବୃଦ୍ଧି ଇତ୍ୟାଦି କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମାଂଚଳର ବିକାଶ ଆମ ଲକ୍ଷ । କେନ୍ଦ୍ର ଓ ରାଜ୍ୟ ଅର୍ଥ କମିଶନ ସୁପାରିଶ ଗୁଡିକୁ କାର୍ଯ୍ୟକାରୀ କରି ପଂଚାୟତିରାଜ ବ୍ୟବସ୍ଥା କୁ ସୁଦୃଢ, ସଶକ୍ତ ଓ କ୍ରିୟାଶୀଳ କରିବା ପଥରେ ଆମେ ଅଗ୍ରସର । ସହରୀକରଣର ଆଁ ଭିତରେ ଗାଁ ଗୁଡିକୁ ହଜିଯିବାକୁ ଦିଆଯିବ ନାହିଁ ଏହା କେବଳ ଆମ ପ୍ରଚେଷ୍ଟା ନୁହେଁ, ଏହା ଆମ ପ୍ରତିବଦ୍ଧତା ।

ଗ୍ରାମାଂଚଳ ଅଧିବାସୀଙ୍କୁ ସର୍ବନିମ୍ନ ସୁବିଧା ଯଥା ଘର, ରାସ୍ତା ଓ ପାନୀୟ ଜଳ ଯୋଗାଇଦେବା ପଂଚାୟତିରାଜ ବିଭାଗର ପ୍ରମୁଖ କାର୍ଯ୍ୟ । ପୂର୍ବରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ହିତାଧିକାରୀମାନଙ୍କୁ ଘର ଯୋଗାଇ ଦିଆଯାଉଥିଲା, ତେବେ ଅନେକ ସ୍ଥଳରେ ସରକାରୀ ଦିଶାନିର୍ଦ୍ଦେଶର ପ୍ରତିବନ୍ଧକକୁ ଅତିକ୍ରମ କରି ଗରିବ, ଅସହାୟ ଓ ଯୋଗ୍ୟ ହିତାଧିକାରୀଙ୍କୁ ଘରଟିଏ ଦେବା ସମ୍ଭବ ହୋଇପାରୁନଥିଲା । ଏଭଳି କ୍ଷେତ୍ରରେ ସମସ୍ତେ କିଂକର୍ତବ୍ୟବିମୁଢ ହୋଇ ରହିବାକୁ ବାଧ୍ୟ ହେଉଥିଲେ । ଏହି ସମସ୍ୟାକୁ ଅନୁଭବ କରି ଆମ ସରକାର ଅନ୍ତୋଦୟ ଗୃହ ଯୋଜନାର ଶୁଭାରମ୍ଭ କଲେ । ଏହି ଯୋଜନା ମାଧ୍ୟମରେ ଦଳିତ, ନିଷ୍ପେସିତ, ଅସହାୟ, ଭିନ୍ନକ୍ଷମ, ବିଧବା, ସ୍ୱାମୀପରିତ୍ୟକ୍ତା, ପ୍ରାକୃତିକ ଦୁର୍ବିପାକ ପୀଡିତ ଓ ସମାଜର ଅବହେଳିତ ବର୍ଗକୁ ବାସଗୃହ ଯୋଗାଇ ଦିଆଯାଇ ପାରୁଛି । ଗ୍ରାମାଂଚଳବାସୀଙ୍କ ପାଇଁ ଏହା ବରଦାନ ସଦୃଶ ହୋଇଛି ।

ରାଜ୍ୟରେ ଅନୁନ୍ନତ ଜିଲ୍ଲା ଓ ପଛୁଆ ଅଂଚଳରେ ବାସ କରୁଥିବା ଜନଜାତି ସମ୍ପ୍ରଦାୟର ଭାଇଭଉଣୀ ମାନଙ୍କ ସାମଗ୍ରିକ ବିକାଶ ସହିତ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାପାଇଁ ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଭିଯାନ (ଚଗ ଔଇଘଗଇଘ) ଯୋଜନା ମାଧ୍ୟମରେ ଜନଜାତି ଗୋଷ୍ଠୀ ଗୁଡିକର ବିକାଶ କ୍ଷେତ୍ରରେ ଥିବା ପ୍ରତିବନ୍ଧକ ସବୁକୁ ଅଗ୍ରାଧିକାର ଭିତିରେ ଦୂର କରିବାର ପ୍ରୟାସ ଆରମ୍ଭ ହୋଇଛି । ଏହି ଯୋଜନା ମାଧ୍ୟମରେ ଅନୁସୂଚିତ ଜନଜାତି ବର୍ଗର ୪୨୦୦୦ ରୁ ଅଧିକ ଅନୁନ୍ନତ ପରିବାରକୁ ବାସଗୃହ ଯୋଗାଇ ଦିଆଯାଇଛି । କେବଳ ଭିତିଭୂମିର ବିକାଶ ନୁହେ ଅନୁସଚିତ ଜନଜାତି ଅଂଚଳରେ ପେସା ଆଇନକୁ ଅଧିକ ପ୍ରଭାବଶାଳୀ ଓ ସଶକ୍ତ କରିବା କାର୍ଯ୍ୟ ଜାରିରହିଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଜନଜାତି ସଶକ୍ତିକରଣ, ଗ୍ରାମସଭା ସଶକ୍ତିକରଣ ଓ ପାରମ୍ପାରିକ ଶାସନ ପ୍ରଣାଳୀ ମାଧ୍ୟମରେ ବିବାଦର ସମାଧାନ ଉପରେ ଗୁରୁତ୍ୱ ଦିଆଯାଉଛି । ବର୍ତମାନ ଆମ ରାଜ୍ୟରେ ୧୫ଟି ଆଦିବାସୀ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଏହି ଯୋଜନା ସାମାଜିକ ସମରସତା କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ ।

ବହୁଦିନ ବ୍ୟବଧାନରେ ଗାଁକୁ ଫେରୁଥିବା ଜଣେ ବ୍ୟକ୍ତି ତାଙ୍କ ଗାଁକୁ ଲମ୍ବିଥିବା ସୁନ୍ଦର ସଡକକୁ ଦେଖି ବହୁତ ଖୁସିହେଲେ ତେବେ ଗାଁରେ ପହଂଚି ସାରିଲାପରେ ଦୀର୍ଘଶ୍ୱାସଟିଏ ମାରି କହିଲେ "ସଡକ ତମେ ଏବେ ଆମ ଗାଁକୁ ଆସିଲ ଯେତେବେଳେ ଆମ ଗାଁର ଅଧିକାଂଶ ଲୋକ ଗାଁ ଛାଡି ସହରକୁ ଚାଲିଗଲେଣି" । ଏହାର ଅର୍ଥ କେବଳ ସଡକ, ପୋଲ, କୋଠାବାଡି ଭଳି ଭୌତିକ ବିକାଶ ହେଲେ ଲୋକେ ଗାଁରେ ରହିବେନାହିଁ କିମ୍ବା ପଳାୟନ ବନ୍ଦ କରାଯାଇ ପାରିବନାହିଁ । ସେଥିପାଇଁ ଆବଶ୍ୟକ ଗାଁର ସର୍ବାଙ୍ଗିନ ବିକାଶ । ଏଥିପାଇଁ ଆମ ସରକାରଙ୍କ ନିଜସ୍ୱ ଯୋଜନା "ବିକଶିତ ଗାଁ ବିକଶିତ ଓଡିଶା"କାର୍ଯ୍ୟକାରୀ ହେଉଛି । ଏହି ଯୋଜନା ମାଧ୍ୟମରେ ଗ୍ରାମୀଣ ସଡକ,ସେତୁ ସହିତ ଗ୍ରାମବାସୀଙ୍କ ଆବଶ୍ୟକ ମୁତାବକ କଲ୍ୟାଣ ମଣ୍ଡପ,କମ୍ୟୁନିଟି ସେ[ର, ପାଠାଗାର,ଡ୍ରେନ, ପୋଖରୀ, ଗାଧୁଆ ତୁଠ, ପୋଷାକ ପରିବର୍ତନ ଗୃହ, ବଜାର, ହାଟ, ଜଳ ଅମଳ ପ୍ରକଳ୍ପ, କ୍ରୀଡା ଭିତିଭୂମି, ପର୍ଯ୍ୟଟନ ଭିତିଭୂମିର ବିକାଶ, ଭାଗବତ ଟୁଙ୍ଗି ନିର୍ମାଣ ଏବଂ ଅନ୍ୟାନ୍ୟ ଅଭିନବ ପ୍ରକଳ୍ପ ନିର୍ମାଣ କରାଯାଇପାରିବ । ୨୦୩୬ ମସିହାରେ ଆମ ରାଜ୍ୟ ଗଠନର ୧୦୦ ବର୍ଷ ପୂର୍ତି ହେବ ଏହାକୁ ଆଖି ଆଗରେ ରଖି ଏହି ଯୋଜନା ମାଧ୍ୟମରେ ଗ୍ରାମାଂଚଳକୁ ବିକଶିତ, ସ୍ୱଚ୍ଛ, ସୁନ୍ଦର ଓ ଆତ୍ମନିର୍ଭରସିଳ କରିବାର ଏକ ଦୀର୍ଘ ମିଆଦୀ ଖସଡ଼ା ପ୍ରସ୍ତୁତ କରାଯାଇଛି । ବିକାଶ କହିଲେ କେବଳ ଅନ୍ୟ ଉପରେ ନିର୍ଭର କରିବା ଓ ସବୁ କିଛି କିଣି ଖାଇବାକୁ ଯଦି ବୁଝାଏ ତେବେ ଆମ ପାଇଁ ବିକାଶର ଏହି ଛବିଳ ବର୍ଣ୍ଣବୋଧ ଲୋଡ଼ା ନାହିଁ । ଆମ ପାଇଁ ବିକାଶ ମାନେ ସରଳ, ପରିପୂର୍ଣ୍ଣ ଏବଂ ଆତ୍ମନିର୍ଭର ଜୀବନ ଜିଇଁବାର ସ୍ୱାଧୀନତା । ସେଥିପାଇଁ ଆମର ଏହି ପୂର୍ବ ପ୍ରସ୍ତୁତି ।

ଆମ ପାଇଁ ସବୁଠାରୁ ବଡ ଆହ୍ୱାନ ହେଉଛି ଦାଦନ ସମସ୍ୟାର ସ୍ଥାୟୀ ସମାଧାନ ଓ ପଳାୟନ ରୋକିବା । ଗ୍ରାମାଂଚଳରେ ନିଶ୍ଚିନ୍ତ କର୍ମ ନିଯୁକ୍ତି ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମ ମନରେଗା (ଗଏଘଜରଏଝ) ପରିବର୍ତେ ଅନ୍ୟ ଏକ ମହତ୍ୱାକାଂକ୍ଷୀ ଯୋଜନା "ଭିବି ଜୀ ରାମ ଜୀ" (ଠଇ ଏ ଜଇଗ ଏ) ଆରମ୍ଭ ହୋଇଛି । ଏହି ଯୋଜନା ରେ ପୂର୍ବରୁ ଥିବା ୧୦୦ ଦିନର ନିଶ୍ଚିତ କର୍ମ ନିଯୁକ୍ତିକୁ ୧୨୫ ଦିନକୁ ବୃଦ୍ଧି କରାଯାଇଛି ଏବଂ ଦିନକୁ ଦିନ ଆମ କୃଷି କ୍ଷେତ୍ର ସାମ୍ନା କରୁଥିବା ସମସ୍ୟାକୁ ଅନୁଭବ କରି ଚାଷ ଦୁଇ ମାସ ଅର୍ଥାତ ୬୦ ଦିନକୁ ଏଥିରୁ ବାଦ ଦିଆଯାଇଛି ଫଳରେ କୃଷକ ଭାଇମାନେ ନିଜ ଚାଷ କାମ ସମ୍ପୂର୍ଣ୍ଣ କରି ବଳକା ସମୟରେ ୧୨୫ ଦିନର ନିଶ୍ଚିତ କର୍ମ ନିଯୁକ୍ତି ସୁଯୋଗ ପାଇପାରିବେ । ବିଶେଷ କ୍ଷେତ୍ରରେ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ଅବଗତ କରି ଏହାକୁ ବୃଦ୍ଧି ମଧ୍ୟ କରିପାରିବେ । କେବଳ ଭିବି ଜୀ ରାମ ଜୀ ନୁହେଁ, ଶିକ୍ଷା ଓ ପ୍ରଶିକ୍ଷଣ ମାଧ୍ୟମରେ ଅନ୍ୟାନ୍ୟ ଅନେକ କ୍ଷେତ୍ରରେ ନିଯୁକ୍ତି ପାଇଁ ଗ୍ରାମାଂଚଳ ଅଧିବାସୀଙ୍କୁ ଯୋଗ୍ୟ କରିବାକୁ ଆମ ସରକାର ଉଦ୍ୟମ କରୁଛନ୍ତି । ଏଥିପାଇଁ ଏକ ମନ୍ତ୍ରୀ ସ୍ତରୀୟ କମିଟି ଓ ସଚିବ ସ୍ତରୀୟ ଟାସ୍କ ଫୋର୍ସ ଗଠନ କରି ଯୋଜନା ପ୍ରସ୍ତୁତ କରାଯାଉଛି ।

ଓଡିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି ମାଧ୍ୟମରେ ଗ୍ରାମୀଣ ଉତ୍ପାଦର ବଜାର ସୃଷ୍ଟି କରାଯାଇଛି । ଦିନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ବିକାଶ ଯୋଜନାମାଧ୍ୟମରେ ଗ୍ରାମାଂଚଳରେ କର୍ମ ନିଯୁକ୍ତି ପ୍ରଶିକ୍ଷଣ ପ୍ରଦାନ କରାଯାଉଛି ।



ରବି ନାରାୟଣ ନାଏକ
**ମାନ୍ୟବର ମନ୍ତ୍ରୀ**
**ଗ୍ରାମ୍ୟ ଉନ୍ନୟନ, ପଂଚାୟତିରାଜ ଓ ପାନୀୟ ଜଳ, ଓଡିଶା ସରକାର**

ନୂତନ ଯୁଗର ଦକ୍ଷତା ତାଲିମ ମାଧ୍ୟମରେ ଶ୍ରମ ବଜାର ଅବଶ୍ୟକତାକୁ ଆଖି ଆଗରେ ରଖି ଶିଳ୍ପ ନେତୃତ୍ୱାଧୀନ ପଦ୍ଧତି ମାଧ୍ୟମରେ ଗ୍ରାମାଂଚଳର ଯୁବକ ଯୁବତୀ ମାନଙ୍କୁ ପ୍ରଶିକ୍ଷଣ ଯୋଗାଇ ଦିଆଯାଉଛି । ଜୀବିକା ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମାଂଚଳର ଉତ୍ପାଦକୁ ନେଇ ଉଦ୍ୟୋଗ ପ୍ରତିଷ୍ଠା କରିବା କ୍ଷେତ୍ରରେ ପଂଚାୟତିରାଜ ବିଭାଗ କାର୍ଯ୍ୟ କରିଆସୁଛି । ଏହି ସବୁ ଯୋଜନା ଓ କାର୍ଯ୍ୟକ୍ରମ ଦାଦନ ସମସ୍ୟା ଓ ପଳାୟନ ରୋକିବାରେ ସହାୟକ ହେବ ।

ବିକଶିତ ଓଡିଶା ଗଠନର ଦୀର୍ଘମିଆଦୀ ଖସଡ଼ା ସାମାନ୍ୟ ବିଳମ୍ବିତ କିନ୍ତୁ ବିଡ଼ମ୍ବିତ ନୁହଁ । ଏହି ରୂପାନ୍ତରଣ ପ୍ରକ୍ରିୟାର ଅନେକ ଗୌରବମୟ ଉଦାହରଣ ସବୁ ଉପଲବ୍ଧ ହେଲାଣି । ଆମେ କିଛି ବାଟ ଅତିକ୍ରମ କରିସାରିଲୁଣି ଏବଂ ଆମ ଚାରିପାଖରେ ଅପାର ସମ୍ଭାବନା ଭରିରହିଛି । ସମାଜର ଅନ୍ତିମ ସୋପାନରେ ଥିବା ଲୋକଟିକୁ ସମ୍ମାନ ଓ ସୁଯୋଗ ପ୍ରଦାନ କରିବା ପାଇଁ ଆମର ଅନ୍ତ୍ୟୋଦୟ ସ୍ୱପ୍ନ କ୍ରମାଗତ ଭାବେ ଆମକୁ ମାର୍ଗଦର୍ଶନ କରିଚାଲିଛି ।

# ଛାତ୍ର ଛାତ୍ରୀଙ୍କ ପାଖରେ ପହଂଚି ନାହିଁ ବହି

ଜୟପୁର, (ହି.ସ.)- କୋରାପୁଟ ଜିଲାରେ ଶିକ୍ଷାବର୍ଷ ଆରମ୍ଭ ହୋଇ ୨୪ ଦିନ ବିତିଯାଇଥିବା ବେଳେ ଛାତ୍ର ଛାତ୍ରୀଙ୍କ ପାଖରେ ବହି ନାହିଁ । ଯାହାକି ଚିନ୍ତାର ବିଷୟ ପାଲଟିଛି । ନୂଆ ଶ୍ରେଣୀରେ ନୂତନ ପାଠ୍ୟକ୍ରମରେ ଛାତ୍ରଛାତ୍ରୀ ପଢ଼ିବେ । ଏଥିପାଇଁ ସରକାରୀ ଓ ଘରୋଇ ବିଦ୍ୟାଳୟରେ ବ୍ୟାପକ ପ୍ରସ୍ତୁତି ଚାଲିଛି । ପ୍ରବେଶ ଉତ୍ସବ ଠାରୁ ଆରମ୍ଭ କରି ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବାକୁ ଏକାଧିକ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି । ହେଲେ ପିଲାଙ୍କ ନିକଟରେ ପାଠ୍ୟପୁସ୍ତକ ଉପଲବ୍ଧ ହୋଇପାରି ନାହିଁ । ଉଭୟ ରାଜ୍ୟ ସରକାର ଓ ଏନ୍ସିଇଆରଟି ଛାତ୍ରଛାତ୍ରୀଙ୍କୁ ବହି ଯୋଗାଇବାରେ ବିଫଳ ହୋଇଛନ୍ତି । ସରକାରୀ ବିଦ୍ୟାଳୟର ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ମାଗଣା ପାଠ୍ୟପୁସ୍ତକ ଯୋଗାଣ ଏପର୍ଯ୍ୟନ୍ତ ସମ୍ଭବପର ହୋଇ ପାରିନାହିଁ । ବଜାରରେ ବିକ୍ରି ହେଉଥିବା ବହି ମଧ୍ୟ ମିଳୁନି । ବିଗତ ବର୍ଷଗୁଡ଼ିକ ପରି ଏଥର ମଧ୍ୟ ଏନ୍ସିଇଆରଟି ଠିକ୍ ସମୟରେ ପାଠ୍ୟପୁସ୍ତକ ବଜାରକୁ ଛାଡି ପାରିନାହିଁ । କଷ୍ଟେମଷ୍ଟେ ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ଉଭୟ ଅନ୍ଲାଇନ୍ ଓ ଅଫ୍ଲାଇନରେ ପାଠ୍ୟପୁସ୍ତକ ଉପଲବ୍ଧ କରାଯାଇଛି । ତେବେ ୯ମ ଶ୍ରେଣୀ ସିଲାବସ୍ ପରିବର୍ତନ ହୋଇଥିବାରୁ ତାହା ଏବେ ସମସ୍ୟା ସୃଷ୍ଟି କରିଛି । ନୂତନ ସିଲାବସ୍ ଅନୁଯାୟୀ ଏପର୍ଯ୍ୟନ୍ତ ପାଠ୍ୟପୁସ୍ତକ ମିଳୁ ନାହିଁ । ବଜାରକୁ ଆସିବାକୁ ଆହୁରି କେତେ ସମୟ ଲାଗିବ ତାହା କେହି କହିପାରୁ ନାହାନ୍ତି । ଏହାଦ୍ୱାରା ପିଲାମାନେ ବହୁ ପରିମାଣରେ ହଇରାଣ ହେଉଛନ୍ତି । ସ୍କୁଲ କର୍ତୃପକ୍ଷ ମଧ୍ୟ ପିଲାଙ୍କୁ କେଉଁଭଳି ପଢ଼ାଇବେ ତାହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି । କେବଳ ସିବିଏସ୍ଇ ଛାତ୍ରଛାତ୍ରୀ ନୁହନ୍ତି, ଓଡ଼ିଆ ମାଧ୍ୟମ ଛାତ୍ରଛାତ୍ରୀଙ୍କ ପାଖରେ ମଧ୍ୟ ବହି ପହଂଚି ପାରିନାହିଁ । ଶିକ୍ଷାବର୍ଷ ଆରମ୍ଭ ପୂର୍ବରୁ ପ୍ରଥମରୁ ୮ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ରାଜ୍ୟ ସରକାର ମାଗଣା ପାଠ୍ୟପୁସ୍ତକ ଯୋଗାଇ ଦେବାର ନିୟମ ରହିଛି । ହେଲେ ଆଜି ପର୍ଯ୍ୟନ୍ତ କୋରାପୁଟ ଜିଲ୍ଲାର ଛାତ୍ରଛାତ୍ରୀଙ୍କୁ ମାଗଣା ପାଠ୍ୟପୁସ୍ତକ ଦିଆଯାଇ ନାହିଁ । ଉପାନ୍ତ ତଥା ଆଦିବାସୀବହୁଳ ଜିଲ୍ଲାଗୁଡ଼ିକର କିଛି ବିଦ୍ୟାଳୟକୁ ମାଗଣା ପାଠ୍ୟପୁସ୍ତକ ଯୋଗାଣ ହୋଇଛି । ସରକାରୀ ହିସାବ କହୁଛି, ବିଦ୍ୟାଳୟରେ ମାଗଣା ପାଠ୍ୟପୁସ୍ତକ ପହଂଚିଛି । ତେବେ ଏହି ସଂଖ୍ୟା ଆହୁରି କମ୍ ହେବ ବୋଲି ଶିକ୍ଷକ ସଙ୍ଗଠନଗୁଡ଼ିକ କହିଛନ୍ତି । ସମସ୍ତ ଜିଲ୍ଲାରେ ପାଠ୍ୟପୁସ୍ତକ ପହଂଚି ନ ଥିବାରୁ ପ୍ରବେଶ ତଥା ଖଡ଼ିଛୁଆଁ ଉତ୍ସବକୁ ଘୁଂଚାଇ ଦିଆଯାଇଥିବା ନେଇ ଚର୍ଚ୍ଚା ଚାଲିଛି । କାରଣ ପ୍ରବେଶ ଉତ୍ସବରେ ହିଁ ପିଲାମାନଙ୍କୁ ନୂତନ ପାଠ୍ୟପୁସ୍ତକ ସମେତ ଅନ୍ୟାନ୍ୟ ସାମଗ୍ରୀ ବ[ନ କରାଯିବ । ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପ୍ରକାଶିତ ୯ମ ଓ ୧୦ମ ଶ୍ରେଣୀ ପାଠ୍ୟପୁସ୍ତକରେ ମଧ୍ୟ ସମାନ ସ୍ଥିତି ଲାଗିରହିଛି । ଛାତ୍ରଛାତ୍ରୀଙ୍କ ଆବଶ୍ୟକତା ଅନୁଯାୟୀ ପାଠ୍ୟପୁସ୍ତକ ଛପାଯାଇ ନ ଥିବାରୁ ପିଲାଙ୍କ ପାଖରେ ପାଠ୍ୟପୁସ୍ତକ ଉପଲବ୍ଧ ହୋଇ ପାରିନାହିଁ ।

# ବାରିପଦାର ବିଶିଷ୍ଟ ବ୍ୟକ୍ତି ଜାନକୀ ପ୍ରସାଦ ମହାନ୍ତିଙ୍କ ପରଲୋକ



ରାଇରଙ୍ଗପୁର : (ନିପ୍ର) ବାରିପଦାର ଜଣେ ପରିଚିତ ପୁରୁଖା ବ୍ୟକ୍ତି ତଥା ସେବାନିବୃତ ସରକାରୀ କର୍ମଚାରୀ ଜାନକୀ ପ୍ରସାଦ ମହାନ୍ତି (୮୩)ଙ୍କ ତାଂକ ନିଗମାନନ୍ଦ ମାର୍ଗ ବାସଭବନରେ ପରଲୋକ ହୋଇଯିବାରୁ ତାଙ୍କ ଶୁଭେଚ୍ଛୁଗଣ ତଥା ଅଂଚଳର ବିଭିନ୍ନ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି । ୰ ମହାନ୍ତି, ମୟୂରଭଂଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ବିଭିନ୍ନ ବିଭାଗର ଦାୟିତ୍ୱରେ ରହି ଅତି ନିଷ୍ଠା ଓ ଦକ୍ଷତାର ସହ କର୍ତବ୍ୟ ସଂପାଦନ କରି ପ୍ରଶଂସିତ ହୋଇଥିଲେ । ଜଣେ ଶାନ୍ତ, ସରଳ ଓ ଅମାୟିକ ମଣିଷ ତଥା ଜଣେ ଉତ୍ସର୍ଗୀକୃତ ଓ ସାହାଯ୍ୟକାରୀ ସରକାରୀ କର୍ମଚାରୀ ଭାବେ ସମାଜର ସବୁ ସ୍ତରର ଲୋକଙ୍କ ମଧ୍ୟରେ ପ୍ରିୟପାତ୍ର ଥିଲେ । ସେ ୨୦୦୩ରେ ଅବସର ଗ୍ରହଣ ପରେ ବିଭିନ୍ନ ସାଂସ୍କୃତିକ ଓ ସାମାଜିକ ସେବାଧର୍ମୀ ଅନୁଷ୍ଠାନ ସହିତ ସଂପୃକ୍ତ ରହି ଉଲ୍ଲେଖନୀୟ ଯୋଗଦାନ ଦେଇଥିଲେ । ୰ ମହାନ୍ତି, ବାରିପଦାର ପୁରୁଖା ଓକିଲ ୰ ଦୁର୍ଗା ପ୍ରସାଦ ମହାନ୍ତିଙ୍କ ସାନ ଭାଇ ତଥା ବିଶିଷ୍ଟ ଆଇନଜୀବି ୰ନବ କିଶୋର ମହାନ୍ତିଙ୍କ ଦାଦା ଥିଲେ । ସେ ତାଂକ ଧର୍ମପତ୍ନୀ, ତିନି ଝିଅ-ଜ୍ୱାଇଁ ଓ ନାତିନାତୁଣୀଙ୍କୁ ଛାଡ଼ି ଚାଲି ଯାଇଛନ୍ତି ।

# ବିଶ୍ୱ ଧରିତ୍ରୀ ଦିବସ ପାଳିତ

ବୈଶିଙ୍ଗା : ବଡ଼ସାହି ବ୍ଲକ ଅନ୍ତର୍ଗତ ଶାଳଗାଁ ପଂଚାୟତ ଉଚ୍ଚ ବିଦ୍ୟାଳୟ ର ଇକୋ କ୍ଲବ ଦ୍ୱାରା ବିଶ୍ୱ ଧରିତ୍ରୀ ଦିବସ ପାଳିତ ହୋଇଅଛି । ଇକୋ କ୍ଲବ ର ସଂଯୋଜକ ସନ୍ତୋଷ କୁମାର ଖଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରଧାନଶିକ୍ଷକ ସନ୍ତୋଷ କୁମାର ବେହେରା ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି - ଚୈତନ୍ୟ ପ୍ରସାଦ ସିଂ ପୂର୍ବତନ ସରପଂଚ , ମୁଖ୍ୟବକ୍ତା ବିଜୟ ଭାସ୍କର ମହାଳିକ ବିଜ୍ଞାନ ଶିକ୍ଷକ, ସମ୍ମାନିତ ଅତିଥି - ଉମାକାନ୍ତ ସାସମଲ କଳା ଶିକ୍ଷକ ଯୋଗଦେଇ ଥିଲେ । ଧରିତ୍ରୀ ମାତା ର ସୁରକ୍ଷା ପାଇଁ ସମାଜ ସଚେତନ ହେବା ଆବଶ୍ୟକ । ବିଜ୍ଞାନ ଯୁଗରେ ଅତ୍ୟାଧୁନିକ ଜୀବନ ଶୈଳୀ, ରାସ୍ତା ପ୍ରଶସ୍ତି କରଣ, କଳକାରଖାନା, ନୂତନ ଘର ନିର୍ମାଣ ପାଇଁ ବୃକ୍ଷ କଟାଯିବା ସହିତ କୃଷି କ୍ଷେତ୍ରରେ ରାସାୟନିକ ସାର ଓ ଔଷଧ ପ୍ରୟୋଗ ଯୋଗୁଁ ପରିବେଶ ସନ୍ତୁଳନ ଭାରସାମ୍ୟ ହରାଇ ବସିଛି । ପ୍ଲାଷ୍ଟିକ ଓ ଅଳିଆ ଆବର୍ଜନାର ବ୍ୟବହାର ଉପରେ ଜନ ସାଧାରଣ ସଚେତନା ରହିବା ଦରକାର । ଜନ, ଜଙ୍ଗଲ ଓ ଜଳ ସହିତ ଧରିତ୍ରୀ ମାତାର ସମ୍ପର୍କ ସୁରକ୍ଷା ଉପରେ ଯୁବ ପିଢୀ ଓ ଛାତ୍ର ଛାତ୍ରୀ ଆଗକୁ ଆଗେଇ ଆସି ପରିବେଶକୁ ସୁରକ୍ଷା କରିବା ନିତ୍ୟାନ୍ତ ଜରୁରୀ ଅଟେ । ନିଜ ନିଜ ଜମିରେ ଜନ୍ମ ଦିନ , ବିଭାଘର , ସୁଧଘର ଓ ଅନ୍ୟାନ୍ୟ ଦିବସକୁ ସ୍ମରଣୀୟ କରିବା ପାଇଁ ଗୋଟିଏ ଗୋଟିଏ ବୃକ୍ଷ ଲଗାଇବା ପାଇଁ ଅତିଥି ବୃନ୍ଦ ସମସ୍ତଙ୍କୁ ପରାମର୍ଶ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜଗଦୀଶ ଜେନା , ରାଜକିଶୋର ସିଂ ଓ ଅନ୍ୟମାନେ ସହଯୋଗ କରିଥିଲେ । ସର୍ବଶେଷରେ ହିତେଶ କୁମାର ପରିଡ଼ା ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ



ଭଦ୍ରକ : ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ପ୍ରଦ□ କାର୍ଯ୍ୟକ୍ରମ ଅନୁସାରେ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା ଓକରା ଉଚ୍ଚ ବିଦ୍ୟାଳୟରେ ନାଲସା (ଅଧାରୁ ପାଠ ପଢା ଛାଡ଼ିଥିବା ଏବଂ ପଛୁଆ ପିଲାମାନଙ୍କ ପାଇଁ ଆର୍ଥିକ ସହାୟତା) ଯୋଜନା, ୨୦୨୫ ଏବଂ ମାନବ-ବନ୍ୟଜୀବନ ସଂଘର୍ଷର ପୀଡିତଙ୍କ ନ୍ୟାୟ ପାଇବା ପାଇଁ ନାଲସା ଯୋଜନା, ୨୦୨୫ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀ ପୁଣ୍ୟଶ୍ଳୋକ ରଥ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ଏଏଲ୍ ଡିଏସ୍ ସହାୟକ, ଡ. ତାପସ କୁମାର ମହାନ୍ତି , ଜିଲ୍ଲା ବିଜ୍ଞାନ ନିରୀକ୍ଷକ ହିମାଦ୍ରି ନନ୍ଦିନୀ ବିଶ୍ୱାଳ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ରାଉତରାୟ ତଥା ୭୦ରୁ ଅଧିକ ଛାତ୍ରଛାତ୍ରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ସଚେତନତା କରାଇ ଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମୀଗଣ ଏହି ସଚେତନତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ସବୁଜ ସାଥୀ ସାମ୍ମୁଖ୍ୟର କୃଷକ ସମ୍ବର୍ଦ୍ଧନା ଉତ୍ସବ

ଭଦ୍ରକ : ଭଦ୍ରକ ପ୍ରମୁଖ ସାମାଜିକ ଅନୁଷ୍ଠାନ ସବୁଜସାଥୀ ସାମ୍ମୁଖ୍ୟ ରାଜ୍ୟର କୃଷି କୃଷିଭି□କ ଗଣପର୍ବ ଅକ୍ଷୟ ତୃତୀୟା ପାଳନ ଅବସରରେ ଭଦ୍ରକ ବାଇପାସ୍ ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ 'ଆମ ସଂସ୍କୃତିରେ ଅକ୍ଷୟ ତୃତୀୟା' ସମ୍ପର୍କିତ ଏକ ଆଲୋଚନା ଚକ୍ର ଓ କୃଷକ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଯାଇଛି । ଏହି ଉତ୍ସବରେ ସମ୍ମାନିତ ଅତିଥିଭାବେ ଡଃ ପ୍ରମୋଦ କୁମାର ନାୟକ ଓ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଯୋଗଦେଇ ଆମ ଭାରତୀୟ ସଂସ୍କୃତି ସହିତ ଅକ୍ଷୟ ତୃତୀୟା ଦିବସର ତାତ୍ପର୍ଯ୍ୟ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ । ଏହି ଉତ୍ସବରେ



ସାମ୍ମୁଖ୍ୟର ସଭାପତି ରମେଶ ଚନ୍ଦ୍ର ରାୟ ଅଧ୍ୟକ୍ଷତା କରିଥିବାବେଳେ ସଂପାଦକ ଦିଲ୍ଲୀପ କୁମାର ଖୁଂଟିଆ ସାମ୍ମୁଖ୍ୟର ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ । ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା ସଙ୍ଗୀତ ବିଦ୍ୟାଳୟର ଛାତ୍ରୀମାନେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରିଥିଲେ । କୃଷିକବି ଅରୁଣ କୁମାର ପାତ୍ରଙ୍କ ରଚିତ ଦୁଇଟି କୃଷି ପୁସ୍ତକ କୃଷି, କୃଷକ ଓ କୃଷି ଜୀବନ ଏବଂ ବିଲେ ବୋଲେ ଚଷା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଭଦ୍ରକ ଜିଲ୍ଲାର ୭ଗୋଟି ବ୍ଲକରୁ ୭ ଜଣ କୃଷକସାଥୀ ଓ ୭ ଜଣ ସଫଳ କୃଷକଙ୍କୁ ଉ□ରୀୟ, ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା କରାଯାଇଥିଲା । ଭଦ୍ରକସ୍ଥିତ ମନ୍ଦିରା ଏକାଡେମୀର ଛାତ୍ରୀ ମାନେ କୃଷିଭିତିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ସାମ୍ମୁଖ୍ୟର ସଦସ୍ୟ ଉଦିତ କୁମାର ରାୟ, ଲକ୍ଷ୍ମୀଧର ସାହୁ, ଶ୍ରୀଧର ଦାସ, ପ୍ରଦୀପ କୁମାର ପାଢ଼ୀ, ନିର୍ମଳ ଚନ୍ଦ୍ର ସାହୁ, ପଙ୍କଜ କୁମାର ବାଇ କାର୍ଯ୍ୟକ୍ରମରେ ସହାୟତା ପ୍ରଦାନ କରିଥିଲେ । ଅରୁଣ କୁମାର ପାତ୍ର ସମସ୍ତ କାର୍ଯ୍ୟକ୍ରମକୁ ଉପସ୍ଥାପନା କରିଥିଲେ ।

# ସି.ଏମ୍. କପ ଭଲିବଲ ବାଳକ ଓ ବାଳିକା ପ୍ରତିଯୋଗିତାରେ ନବୋଦୟ ବିଦ୍ୟାଳୟ ଚମ୍ପିଆନ

ଝାରସୁଗୁଡ଼ା: ଝାରସୁଗୁଡ଼ା ଭାସ୍କର ସୁତାକଳ ପଡିଆରେ ସ୍ଥାନିୟ ସହିଦ ଭଗତ ସିଂ କ୍ଲବର ସହଯୋଗରେ ଗତକାଲି ଠାରୁ ସକାଳ ଓ ସନ୍ଧ୍ୟାରେ ଆରମ୍ଭ ହୋଇ ଥିବା ସି.ଏମ୍. କପ ଭଲିବଲ ବାଳକ ଓ ବାଳିକା ୧୪ ବର୍ଷ ବୟସ ବର୍ଗର ଆଜି ଶେଷ ହୋଇଛି । ଭଲିବଲ ବାଳିକା ବିଭାଗ ପ୍ରତିଯୋଗିତାରେ ନବୋଦୟ ବିଦ୍ୟାଳୟ ଚମ୍ପିଆନ ହୋଇ ଥିବା ବେଳେ ବେଲପାହାଡ ବିବେକାନନ୍ଦ ବିଦ୍ୟାଳୟ ରନର୍ସ ଅପ୍ ହୋଇଛି । ବାଳକ ବିଭାଗରେ ନବୋଦୟ ବିଦ୍ୟାଳୟ ଚମ୍ପିଆନ ହୋଇ ଥିବା ବେଳେ ପାଟଗାଁ ର ପଲସଦା ସ୍କୁଲ ରନର୍ସ ଅପ୍ ହୋଇଛି । ଗତକାଲି



ବ୍ରଜରାଜନଗରର ପୌରପରିଷଦର ଅଧ୍ୟକ୍ଷ କ୍ରିଷ୍ଣା ଗୋପାଲ ସିତାନୀ ଉଦ୍ଘାଟନ କରିଥିବା ବେଳେ ଉଦ୍‌ଯାପନୀ ଦିବସରେ ୨ୟ ବ୍ୟାଟେଲିଆନ ର ଉପ-ଦୁର୍ଗପତି ଭବାବୀଶଙ୍କର ସେଠ୍ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରି ଥିଲେ । ସମ୍ମାନୀୟ ଅତିଥି ଭାବରେ ଓଡିଶା ଦଳର ପୂର୍ବତନ ଭଲିବଲ ଖେଳାଳି ବୟଜେଷ୍ଠ ଭାସ୍କର ରାଓ ଯୋଗ ଦେଇ ରନର୍ସ ଅପ ଦଳକୁ ଟ୍ରଫି ପ୍ରଦାନ କରି ଥିଲେ । ଏହି ପ୍ରତିଯୋଗିତାରେ ବାଳିକା ୬ଟି ଦଳ ଯୋଗ ଦେଇଥିବା ବେଳେ ୮ଟି ବାଳକ ଦଳ ଅଂଶ ଗ୍ରହଣ କରିଥିଲେ । ଜିଲ୍ଲା ଭଲିବଲ ଆସୋସିଏସନର ସଂପାଦକ ବିଷ୍ଣୁ ଚରଣ ନାଏକ, ଜିଲ୍ଲା କ୍ରୀଡ଼ା ସଂଘର ସଂପାଦକ ବିଜୟ ବେହେରା, କାର୍ଯ୍ୟକାରୀ ସଭାପତି ତାପସ ରାୟ ଚୌଧରୀ, କୋଷାଧକ୍ଷ ପ୍ରଜ୍ୱଲ ପଟେଲ, ମାନସ ଆଚାର୍ଯ୍ୟ,ମନୋଜ ଦାସ, ସୁଶାନ୍ତ ମାଲି, ନବୋଦୟ ବିଦ୍ୟାଳୟ ର ଉପାଦକ୍ଷ ଉମେଶ ଝାଙ୍କର ଓଡିଶା ହକି ଆସୋସିଏସନର ଉପସଭାପତି ଜୀବନ ମହାନ୍ତି ,ସହିଦ ଭଗତ ସିଂ କ୍ଲବର ସଭାପତି ଆଶିଷପାତ୍ର, ସଂପାଦକ କ୍ଳପତରୁ ସ୍ୱାଇଁ ପ୍ରଭୃତି ଉତ୍ସବରେ ଉପସ୍ଥିତ ରହି ଥିଲେ । ଏହି ଭଲିବଲ ପ୍ରତିଯୋଗିତାକୁ ରାଜେଶ ପଟେଲ,ବିବେକା ପ୍ରଧାନ,ସର୍ବଶ୍ରୀ ,ସୁଶାନ୍ତ ପଟେଲ ଅମିୟ ପଟେଲ ଓ ଶୁଭାଂଶୁ ଶେଖର ସାହୁ ପରିଚାଳନା କରିଥିଲେ ।

# ପଂଚାୟତରୁ ସଂସଦ ପର୍ଯ୍ୟନ୍ତ: ମହିଳା ନେତୃତ୍ୱ, ଡିଜିଟାଲ୍ ଶାସନ ଓ ବିକଶିତ ଭାରତର ଆଭିମୁଖ୍ୟ

ଯେତେବେଳେ ଏକ ଦେଶ ଏହାର ଚେରକୁ ପୋଷଣ ପ୍ରଦାନ କରେ, ଏହାର ଶାଖାଗୁଡ଼ିକ ଆପେ ଆପେ ଆକାଶକୁ ଛୁଇଁଥାଏ । ସେହି ଦୃଷ୍ଟିରୁ ବିଚାର କଲେ ଭାରତର ଚେର ହେଉଛି ଏହାର ପଂଚାୟତ ଏବଂ ଆଜି ସେହି ପଂଚାୟତଗୁଡ଼ିକର ଆତ୍ମା ହେଉଛନ୍ତି ଦେଶର ମହିଳା । ୧୯୯୩ ମସିହା ଏପ୍ରିଲ ୨୪ ତାରିଖ ଦିନ, ୭୩ତମ ସମ୍ବିଧାନ ସଂଶୋଧନ ଗ୍ରାମ ଶାସନକୁ ସାମ୍ବିଧାନିକ ସ୍ୱୀକୃତି ପ୍ରଦାନ କରିଥିଲା, ଯାହା ଭାରତୀୟ ଗଣତନ୍ତ୍ରରେ ଏକ ନୂତନ ଅଧ୍ୟାୟ ରଚନା କରିଥିଲା । ତିନି ଦଶନ୍ଧିରୁ ଅଧିକ ସମୟ ପରେ, ପଂଚାୟତିରାଜ ପ୍ରତିଷ୍ଠାନଗୁଡ଼ିକ ବର୍ତ୍ତମାନ ପ୍ରଶାସନିକ ୟୁନିଟଠାରୁ ଢେର୍ ଆଗକୁ ବିକଶିତ ହୋଇଛନ୍ତି - ସେମାନେ ସାମାଜିକ ପରିବର୍ତ୍ତନ, ଅର୍ଥନୈତିକ ବିକାଶ ଏବଂ ଗଣତାନ୍ତ୍ରିକ ଅଂଶଗ୍ରହଣର ଜୀବନ୍ତ ପ୍ରୟୋଗଶାଳା ପାଲଟିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱରେ, ପଂଚାୟତିରାଜ ବ୍ୟବସ୍ଥା ନୂତନ ଶକ୍ତି ଏବଂ ଉଦ୍ଦେଶ୍ୟ ସହିତ ସଂଯୁକ୍ତ ହୋଇଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ନିଶ୍ଚିତ କରିଛନ୍ତି ଯେ ଶକ୍ତି କେବଳ ଦିଲ୍ଲୀର କ୍ଷମତା କରିଡର ପର୍ଯ୍ୟନ୍ତ ନୁହେଁ, ବରଂ ଦେଶର ଶେଷ ପ୍ରାନ୍ତରେ ଥିବା ଗାଁର ଦ୍ୱାରଦେଶ ପର୍ଯ୍ୟନ୍ତ ପହଂଚିବ । ବିକଶିତ ଭାରତ ୨୦୪୭ର ଦୃଷ୍ଟିକୋଣ ୨.୫ ଲକ୍ଷରୁ ଅଧିକ ଗ୍ରାମପଂଚାୟତର ଭିତିଭୂମି ଉପରେ ପ୍ରତିଷ୍ଠିତ, ଯାହା ଭାରତର ପ୍ରାୟ ୬୪ ପ୍ରତିଶତ ଜନସଂଖ୍ୟାର ଜୀବନ ରେଖା ଭାବରେ କାର୍ଯ୍ୟ କରେ । ଗଣତନ୍ତ୍ରର ବିଦ୍ୟାଳୟ (ପ୍ରୟୋଗଶାଳା): ମହିଳା ନେତୃତ୍ୱର ଉତାନ ଚଳିତ ବର୍ଷ ଜାତୀୟ ପଂଚାୟତିରାଜ ଦିବସ ୨୦୨୬ ଏକ ବିଶେଷ ଗୌରବର ସହିତ ପାଳନ କରାଯାଉଛି । ନାରୀ ଶକ୍ତି ବନ୍ଦନ ସମ୍ମିଳନୀ ସମୟରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପଂଚାୟତିରାଜ ପ୍ରତିଷ୍ଠାନଗୁଡ଼ିକୁ ଦେଶର ମହିଳା ନେତୃତ୍ୱର ସର୍ବୋତମ ବିଦ୍ୟାଳୟ (ପ୍ରୟୋଗଶାଳା) ବୋଲି ଅଭିହିତ କରିଛନ୍ତି - ଗ୍ରାମୀଣ ଭାରତରେ ପ୍ରତ୍ୟେକ ଦିନ ଘଟୁଥିବା ଏକ ପରିବର୍ତ୍ତନର ଏହା ଏକ ସ୍ୱୀକୃତି ବୋଲି ସେ ମତପୋଷଣ କରିଛନ୍ତି । ଦେଶବ୍ୟାପୀ ପଂଚାୟତିରାଜ ପ୍ରତିଷ୍ଠାନରେ ନିର୍ବାଚିତ ପ୍ରତିନିଧିଙ୍କ ସଂଖ୍ୟା ୩୨ ଲକ୍ଷରୁ ଅଧିକ । ସର୍ବଶେଷ ଉପଲବ୍ଧ ତଥ୍ୟ ଅନୁଯାୟୀ, ବର୍ତ୍ତମାନ କାର୍ଯ୍ୟ କ୍ଷମତାରେ ଥିବା ୨୪,୪୧,୭୮୧ ନିର୍ବାଚିତ ପ୍ରତିନିଧିଙ୍କ ମଧ୍ୟରୁ ୧୨,୧୪,୮୮୫ ଜଣ ହେଉଛନ୍ତି ମହିଳା ପ୍ରତିନିଧି, ଯାହା ମୋଟ ପ୍ରତିନିଧିଙ୍କ ପ୍ରାୟ ୪୯.୭୫ ପ୍ରତିଶତ । ଏବେ ସୁଦ୍ଧା ୨୧ଟି ରାଜ୍ୟ ଏବଂ ଦୁଇଟି କେନ୍ଦ୍ରଶାସିତ ଅଂଚଳ ମହିଳାମାନଙ୍କ ପାଇଁ ସଂରକ୍ଷଣକୁ ୫୦ ପ୍ରତିଶତକୁ ବୃଦ୍ଧି କରିଛନ୍ତି, ଯାହା ସାମ୍ବିଧାନିକ ଭାବରେ ନିର୍ଣ୍ଣୟ କରାଯାଇଥିବା ଏକ ତୃତୀୟାଂଶ ସୀମାଠାରୁ ଅଧିକ । ଗତ ଚାରି ବର୍ଷ ମଧ୍ୟରେ, ୩୩.୫୦ ଲକ୍ଷ ମହିଳା ପ୍ରତିନିଧି ବିଶେଷ ନେତୃତ୍ୱ ଏବଂ ଶାସନ ନିମନ୍ତେ ତାଲିମ ଗ୍ରହଣ କରିଛନ୍ତି । କେବଳ ୨୦୨୫-୨୬ ବର୍ଷରେ ୯.୩୭ ଲକ୍ଷ ମହିଳା ପ୍ରତିନିଧିଙ୍କୁ ତାଲିମ ପ୍ରଦାନ କରାଯାଇଥିଲା - ଯାହା ପୂର୍ବ ବର୍ଷ ତୁଳନାରେ ୪୭.୭ ପ୍ରତିଶତ ଅଧିକ । ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ, ପୁଷ୍ଟିସାଧନ ଏବଂ ମହିଳାମାନଙ୍କ ସୁରକ୍ଷା ଉପରେ କେନ୍ଦ୍ରିତ ସେମାନଙ୍କର କାର୍ଯ୍ୟ ଗ୍ରାମୀଣ ବିକାଶକୁ ଏକ ନୂତନ ଏବଂ ଲକ୍ଷ୍ୟ ବିନିର୍ଦ୍ଦିଷ୍ଟ ଦିଗଦର୍ଶନ ଦେଇଛି । ସଶକ୍ତ ପଂଚାୟତ ନେତ୍ରୀ ଅଭିଯାନ ଏବଂ ନାରୀ ଶକ୍ତି ବନ୍ଦନ ଅଧିନିୟମ ସଶକ୍ତ ପଂଚାୟତ ନେତ୍ରୀ ଅଭିଯାନ ନିର୍ବାଚିତ ମହିଳା ପ୍ରତିନିଧିମାନଙ୍କୁ ସେମାନଙ୍କର ସାମ୍ବିଧାନିକ ଅଧିକାର, ଦାୟିତ୍ୱ ଏବଂ ନେତୃତ୍ୱ ନେବାର ଦକ୍ଷତା ବିଷୟରେ ସଚେତନ କରିଥାଏ । ଏହାର ପରିପୂରକ ଭାବେ ନିର୍ଭୟା ପାଣ୍ଠି ଅନ୍ତର୍ଗତ 'ମହିଳା-ଅନୁକୂଳ ଗ୍ରାମ ପଂଚାୟତ' ଏବଂ 'ନିର୍ଭୟ ରହୋ' ଭଳି କାର୍ଯ୍ୟକ୍ରମଗୁଡ଼ିକ ଆଇନଗତ ସଚେତନତା, ସାମାଜିକ ସମ୍ବେଦନଶୀଳତା ଏବଂ ବୈଷୟିକ ସଶକ୍ତିକରଣକୁ ଏକତ୍ରିତ କରି ଗ୍ରାମୀଣ ଶାସନରେ ମହିଳାମାନଙ୍କ ପାଇଁ ଏକ ସୁରକ୍ଷିତ ପରିବେଶ ସୃଷ୍ଟି କରୁଛି । 'ନାରୀ ଶକ୍ତି ବନ୍ଦନ ଅଧିନିୟମ', ଯାହା ଲୋକସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣର ପରିକଳ୍ପନା କରେ, ତାହା ଭାରତୀୟ ଗଣତନ୍ତ୍ରରେ ସେମାନଙ୍କର ଭୂମିକାକୁ ସ୍ଥାୟୀ ଭାବେ ସୁଦୃଢ଼ କରିଛି । ପଂଚାୟତ ସ୍ତରରୁ ପ୍ରସ୍ତୁତ ହୋଇଥିବା ଏହି ମହିଳା ନେତ୍ରୀମାନେ ଆଗାମୀ ଦିନରେ ବିଧାନସଭା ଏବଂ ସଂସଦରେ ପରିବର୍ତ୍ତନର ବାର୍ତ୍ତାବହ ସାଜିବେ । ଷୋଡ଼ଶ ଅର୍ଥ କମିଶନ: ସମ୍ବଳରେ ଏକ ବିରାଟ ଲମ୍ଫ ଆର୍ଥିକ ସଶକ୍ତିକରଣ ଯେକୌଣସି ଅନୁଷ୍ଠାନର ପ୍ରଭାବଶାଳୀତାର ଜୀବନ ରକ୍ଷାରେ ସହାୟକ ହୋଇଥାଏ । ଷୋଡ଼ଶ ଅର୍ଥ କମିଶନ ୨୦୨୬ ଠାରୁ ୨୦୩୧ ମସିହା ପର୍ଯ୍ୟନ୍ତ ଗ୍ରାମୀଣ ସ୍ଥାନୀୟ ସଂସ୍ଥାଗୁଡ଼ିକ ନିମନ୍ତେ ୪.୩୫ ଲକ୍ଷ କୋଟି ଟଙ୍କାର ଅଭୂତପୂର୍ବ ପୁଞ୍ଜି ଆବ[ନ କରିଛନ୍ତି - ଯାହା ପଂଚଦଶ ଅର୍ଥ କମିଶନଙ୍କ ସୁପାରିଶ ରାଶି ଅପେକ୍ଷା ପ୍ରାୟ ୮୪ ପ୍ରତିଶତ ଅଧିକ । କେବଳ ୨୦୨୬-୨୭ ମସିହାରେ, ୧.୪୦ ଲକ୍ଷ କୋଟି ଟଙ୍କାର ଅନୁଦାନ ରାଶି ଆବଂଟନ କରାଯାଇଛି । ନିଜସ୍ୱ ରାଜସ୍ୱ ଉତ୍ସ (ଓ.ଆର.ଏସ.) ଏବଂ କାର୍ଯ୍ୟଦକ୍ଷତା-ଆଧାରିତ ଅନୁଦାନ ଉପରେ ଗୁରୁତ୍ୱ ମିଳିତ ଭାବରେ ପଂଚାୟତଗୁଡ଼ିକ ମଧ୍ୟରେ ଦାୟିତ୍ୱ ଏବଂ ସୁସ୍ଥ ପ୍ରତିଯୋଗିତାକୁ ପ୍ରୋତ୍ସାହିତ ଯୋଗାଇ ଆସିଛି । ସମାଯୋଜନ ଏବଂ ସ୍ୱଚ୍ଛ ଶାସନ 'ସବକା ସାଥ୍, ସବକା ବିକାଶ, ସବକା ବିଶ୍ୱାସ ଏବଂ ସବକା ପ୍ରୟାସ'ର ମାର୍ଗଦର୍ଶକ ମନ୍ତ୍ର ପଂଚାୟତିରାଜ ମନ୍ତ୍ରଣାଳୟର ପ୍ରତ୍ୟେକ ପଦକ୍ଷେପର ମୂଳଦୁଆ ଅଟେ । 'ଇ-ଗ୍ରାମ ସ୍ୱରାଜ' ପ୍ଲାଟଫର୍ମ ମାଧ୍ୟମରେ ଗ୍ରାମ ପଂଚାୟତଗୁଡ଼ିକ ଏପର୍ଯ୍ୟନ୍ତ ସମୁଦାୟ ୩ ଲକ୍ଷ କୋଟିରୁ ଅଧିକ ଟଙ୍କାର ଅନଲାଇନ୍ ପେମେଂଟ ପ୍ରକ୍ରିୟା ସମ୍ପନ୍ନ କରିଛନ୍ତି, ଯେଉଁଥିରେ ୨.୫ ଲକ୍ଷରୁ ଅଧିକ ପଂଚାୟତ ଏବଂ ୧.୬ କୋଟି ବିକ୍ରେତା ଏହି ପ୍ଲାଟଫର୍ମ ସହ ଜଡ଼ିତ ଅଛନ୍ତି । ଗ୍ରାମ ପଂଚାୟତ ବିକାଶ ଯୋଜନା ଢାଂଚା ଅଧୀନରେ, ୨୦୨୫-୨୬ ବର୍ଷରେ ୨.୫ ଲକ୍ଷରୁ ଅଧିକ ପଂଚାୟତ ନିଜସ୍ୱ ବିକାଶ ଯୋଜନା ପ୍ରସ୍ତୁତ କରିଛନ୍ତି । ଏହା ଗ୍ରାମାଂଚଳରେ ଅନ୍ତର୍ଭୁକ୍ତିକରଣ ଏବଂ ସ୍ଥାୟୀ ବିକାଶକୁ ଲକ୍ଷ୍ୟ-ଭିତିକ ତଥା ଫଳାଫଳ-କେନ୍ଦ୍ରିତ କରିବା ପାଇଁ ୯ଟି ବିଷୟଭିତିକ କ୍ଲଷ୍ଟର ମାଧ୍ୟମରେ 'ସ୍ଥାୟୀ ବିକାଶ ଲକ୍ଷ୍ୟ'ର ସ୍ଥାନୀୟକରଣ କରିବାରେ ସହାୟକ ହୋଇଛି । ପେସା (ପିଇଏସଏ) ରାଙ୍କିଂ: ଅନୁସୂଚିତ କ୍ଷେତ୍ରର ଶାସନରେ ଏକ ନୂତନ ଅଧ୍ୟାୟ ଏକ ଐତିହାସିକ ପଦକ୍ଷେପ ସ୍ୱରୂପ, ପଂଚାୟତିରାଜ ମନ୍ତ୍ରଣାଳୟ ପ୍ରଥମ ଥର ପାଇଁ, ୨୫ ଜାନୁଆରୀ ୨୦୨୬ ରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପଂଚାୟତ (ଅନୁସୂଚିତ କ୍ଷେତ୍ରକୁ ସମ୍ପ୍ରସାରଣ) ଆଇନ, ୧୯୯୬ (ପେସା) ଅଧୀନରେ ରାଜ୍ୟଗୁଡ଼ିକର କାର୍ଯ୍ୟଦକ୍ଷତା ଉପରେ ରାଜ୍ୟୱାରୀ ରାଙ୍କିଂ ପ୍ରକାଶ କରିଛି । ଏହି ରାଙ୍କିଂର ଲକ୍ଷ୍ୟ-ସୁସ୍ଥ ପ୍ରତିଯୋଗିତାକୁ ପ୍ରୋତ୍ସାହିତ କରିବା, ସ୍ୱଚ୍ଛତା ଏବଂ ଉତରଦାୟିତ୍ୱକୁ ସୁଦୃଢ଼ କରିବା ଏବଂ ଅନୁସୂଚିତ କ୍ଷେତ୍ରରେ ଗ୍ରାମସଭା-ଆଧାରିତ ସ୍ୱ-ଶାସନକୁ ମଜଭୁତ କରିବା । ୨୦୨୪-୨୫ ମସିହାର ରାଙ୍କିଂରେ, ମହାରାଷ୍ଟ୍ର, ମଧ୍ୟ ପ୍ରଦେଶ ଏବଂ ହିମାଚଳ ପ୍ରଦେଶ ଆଗୁଆ ଧାବକ ଭାବରେ ଉଭା ହୋଇଥିଲେ । ରାଜସ୍ଥାନ, ଛତିଶଗଡ଼ ଏବଂ ତେଲଙ୍ଗାନାକୁ ପ୍ରଦର୍ଶନକାରୀ ବର୍ଗରେ ସ୍ଥାନିତ କରାଯାଇଥିଲା, ଯେତେବେଳେ ଆନ୍ଧ୍ର ପ୍ରଦେଶ ଏବଂ ଗୁଜରାଟ ଭଳି ରାଜ୍ୟ ଆକାଂକ୍ଷୀ ବର୍ଗରେ ସ୍ଥାନିତ ହୋଇଥିଲେ । ଏହି ରାଙ୍କିଂ ସମସ୍ତ ଦଶଟି 'ପେସା' ରାଜ୍ୟକୁ ସାମିଲ କରେ ଏବଂ ପ୍ରଗତି, ସାଂସ୍ଥାଗତ କ୍ଷମତା ଏବଂ ଭବିଷ୍ୟତର ସମ୍ଭାବନାକୁ ଉଜ୍ଜ୍ୱଳ କରିବା ପାଇଁ ଏକ ଗଠନମୂଳକ ଉପକରଣ ଭାବରେ ଏହା ଉଦ୍ଦିଷ୍ଟ । ସହଭାଗୀ ସଂଘୀୟ ବ୍ୟବସ୍ଥାର ଆତ୍ମାରେ, ମନ୍ତ୍ରଣାଳୟ 'ପେସା'ର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନକୁ ସମର୍ଥନ ଯୋଗାଇବା ସକାଶେ ରାଜ୍ୟଗୁଡ଼ିକ ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରିଚାଲିଛି । ସଭାସାର ଏବଂ ଏ.ଆଇ.-ସକ୍ଷମ ଶାସନ: ପ୍ରତ୍ୟେକ ଭାଷାରେ ଗଣତନ୍ତ୍ର ପଂଚାୟତିରାଜ ମନ୍ତ୍ରଣାଳୟ ତୃଣମୂଳ ସ୍ତରୀୟ ଶାସନର ହୃଦୟରେ କୃତ୍ରିମ ବୁଦ୍ଧିମତା ଆଣିଛି । ୧୪ ଅଗଷ୍ଟ ୨୦୨୫ରେ ଆରମ୍ଭ ହୋଇଥିବା ସଭାସାର ହେଉଛି ଏକ ଏ.ଆଇ.-ଚାଳିତ ଭଏସ୍-ଟୁ-ଟେକ୍ସଟ୍ ଉପକରଣ ଯାହା ୨୩ଟି ଭାରତୀୟ ଭାଷାରେ ଗ୍ରାମସଭା କାର୍ଯ୍ୟକୁ ରେକର୍ଡ କରିଥାଏ । ୨୦୨୬ ମସିହା ଜାନୁଆରୀ ମାସ ସୁଦ୍ଧା, ୧,୧୧,୪୮୬ ଗ୍ରାମ ପଂଚାୟତ ଏହାକୁ ଗ୍ରହଣ କରିସାରିଥିଲେ - ଭାଷା ଆଉ ସ୍ଥାନୀୟ ଶାସନରେ ଅଂଶଗ୍ରହଣ ପାଇଁ ପ୍ରତିବନ୍ଧକ ହୋଇ ରହିନାହିଁ । ସ୍ୱାମୀତ୍ୱ: ସମ୍ପତି ଅଧିକାର ମାଧ୍ୟମରେ ଆର୍ଥିକ ସଶକ୍ତିକରଣ ସ୍ୱାମିତ୍ୱ ଯୋଜନା ପ୍ରାୟ ୩.୩୦ ଲକ୍ଷ ଗ୍ରାମରେ ଡ୍ରୋନ୍-ଆଧାରିତ ସର୍ଭେ ମାଧ୍ୟମରେ ସମ୍ପତି ଅଧିକାର ପ୍ରତିଷ୍ଠା କରିଛି ଏବଂ ଏହାର ଆଧାରରେ ୩.୧୩ କୋଟିରୁ ଅଧିକ ସମ୍ପତି କାର୍ଡ ପ୍ରସ୍ତୁତ କରାଯାଇଛି । ଏହା ଗ୍ରାମୀଣ


ପ୍ରଫେସର ଏସ୍.ପି. ସିଂହ ବାଘେଲ

ପରିବାରକୁ ବ୍ୟାଙ୍କ ଋଣ ଏବଂ ଆନୁଷ୍ଠାନିକ ଆର୍ଥିକ ବ୍ୟବସ୍ଥା ସହିତ ସଂଯୋଗ କରୁଛି, ସମ୍ପତିକୁ ଏକ ଆର୍ଥିକ ସମ୍ପତି ଭାବରେ ବ୍ୟବହାର କରିବାକୁ ସକ୍ଷମ କରୁଛି, ଜମି ଏବଂ ସମ୍ପତି ସମ୍ବନ୍ଧୀୟ ବିବାଦ ହ୍ରାସ କରୁଛି ଏବଂ ଗ୍ରାମ ପଂଚାୟତ ପାଇଁ ରାଜସ୍ୱର ଏକ ସ୍ଥାୟୀ ଏବଂ ସ୍ୱଚ୍ଛ ଉତ୍ସ ଭାବରେ ଉଭା ହୋଇଛି । ଆନୁଷ୍ଠାନିକ ଦକ୍ଷତା ନିର୍ମାଣ ରାଷ୍ଟ୍ରୀୟ ଗ୍ରାମ ସ୍ୱରାଜ ଅଭିଯାନ ଅନ୍ତର୍ଗତ ୨୦୨୨-୨୩ ମସିହାରୁ ଏପର୍ଯ୍ୟନ୍ତ ସମୁଦାୟ ୧.୬୨ କୋଟିରୁ ଅଧିକ ନିର୍ବାଚିତ ପ୍ରତିନିଧି ଏବଂ କର୍ମକର୍ତ୍ତାଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି, ଯେଉଁଥିରୁ କେବଳ ୨୦୨୫-୨୬ ବର୍ଷରେ ୪୫.୨୪ ଲକ୍ଷରୁ ଅଧିକ ଲୋକ ପ୍ରଶିକ୍ଷିତ ହୋଇଛନ୍ତି । ପଂଚାୟତ ପ୍ରତିନିଧିମାନଙ୍କୁ ଆଧୁନିକ ଶାସନ କୌଶଳରେ ଦକ୍ଷ କରିବା ପାଇଁ ଆଇ.ଆଇ.ଏମ. ଏବଂ ଆଇ.ଆଇ.ଟି. ଭଳି ପ୍ରତିଷ୍ଠିତ ସଂସ୍ଥାନଗୁଡ଼ିକ ସହ ମିଶି ନେତୃତ୍ୱ ଓ ପରିଚାଳନା ବିକାଶ କାର୍ଯ୍ୟକ୍ରମ ପରିଚାଳିତ ହେଉଛି । ଏଥିସହ 'ମେରୀ ପଂଚାୟତ, ମେରା ଅଧିକାର' ଅଭିଯାନ ମାଧ୍ୟମରେ ୨.୧୫ ଲକ୍ଷରୁ ଅଧିକ ପଂଚାୟତ ୯୫୪ଟି ସେବାକୁ ଅନ୍ତର୍ଭୁକ୍ତ କରି ନିଜର ସିଟିଜେନ୍ ଚାର୍ଟର ପ୍ରସ୍ତୁତ କରିଛନ୍ତି । ଜାତୀୟ ପଂଚାୟତ ପୁରସ୍କାର ମଧ୍ୟ ଉତ୍କୃଷ୍ଟ କାର୍ଯ୍ୟକୁ ସ୍ୱୀକୃତି ଦେବା ସହ ପଂଚାୟତ ଗୁଡ଼ିକ ମଧ୍ୟରେ ନିରନ୍ତର ଉନ୍ନତି ପାଇଁ ଏକ ପ୍ରେରଣାଦାୟୀ ବାତାବରଣ ସୃଷ୍ଟି କରୁଛି । ବିକଶିତ ଭାରତ ୨୦୪୭: ଗ୍ରାମରୁ ଉଦିତ ଏକ ନୂତନ ସୂର୍ଯ୍ୟ ବିକଶିତ ଭାରତ ୨୦୪୭ର ଦୃଷ୍ଟିକୋଣ ସାମାଜିକ ନ୍ୟାୟ, ପରିବେଶଗତ ସନ୍ତୁଳନ ଏବଂ ସମାବେଶୀ ପ୍ରଗତିକୁ ଅନ୍ତର୍ଭୁକ୍ତ କରେ - କେବଳ ଆର୍ଥିକ ଅଭିବୃଦ୍ଧି ନୁହେଁ । ୨୧ଟି ରାଜ୍ୟରେ ମହିଳାଙ୍କ ଅଂଶଗ୍ରହଣ ୫୦ ପ୍ରତିଶତରେ ପହଂଚିବା, ୩ ଲକ୍ଷ କୋଟି ଟଙ୍କାରୁ ଅଧିକ ଡିଜିଟାଲ କାରବାର, ୨୩ଟି ଭାଷାରେ ପ୍ରତିଧ୍ୱନିତ ଗ୍ରାମସଭାର ସ୍ୱର, ଷୋଡ଼ଶ ଅର୍ଥ କମିଶନର ଐତିହାସିକ ଆବଂଟନ ଏବଂ ସଶକ୍ତ ପଂଚାୟତ ନେତ୍ରୀ ଅଭିଯାନ-ଏସବୁ ମିଶି ବିକଶିତ ଭାରତ ୨୦୪୭ର ନିର୍ମାଣ ପାଇଁ ଏକ ମଜଭୁତ ମୂଳଦୁଆ ସୃଷ୍ଟି କରିବ । ଜାତୀୟ ପଂଚାୟତିରାଜ ଦିବସର ଏହି ଅବସରରେ, ଆମେ ୧୪ ଲକ୍ଷରୁ ଅଧିକ ମହିଳା ପ୍ରତିନିଧିଙ୍କୁ ପ୍ରଣାମ କରୁଛୁ ଯେଉଁମାନେ ପ୍ରତିଦିନ ଅକ୍ଳାନ୍ତ ପରିଶ୍ରମ କରି ସେମାନଙ୍କ ଗ୍ରାମ ଏବଂ ଦେଶକୁ ଏକ ଉନ୍ନତ ସ୍ଥାନରେ ଅବସ୍ଥାପିତ କରିବା ଦିଗରେ କାମ କରୁଛନ୍ତି । ଏହା ନାରୀ ଶକ୍ତି । ଏହା ହେଉଛି ନୂତନ ଭାରତର ପ୍ରସ୍ତୁତି ।

***(ଲେଖକ କେନ୍ଦ୍ର ସରକାରରେ ପଂଚାୟତିରାଜ ରାଷ୍ଟ୍ରମନ୍ତ୍ରୀ ଭାବରେ କାର୍ଯ୍ୟରତ)***

# ଜିଲ୍ଲାସ୍ତରୀୟ ସିଏମ୍ ଟ୍ରଫି ଫୁଟବଲ୍ ଟୁର୍ଣ୍ଣାମେଂଟ



ଧାମନଗର(ନିପ୍ର): ଧାମନଗର ବ୍ଲକ ଦୋବଲ କାଳୀ ପଡ଼ିଆରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ସିଏମ୍ ଟ୍ରଫି ଫୁଟବଲ୍ ଟୁର୍ଣ୍ଣାମେଂଟକୁ ନେଇ ବିବାଦ ଦେଖାଦେଇଛି । ଫାଇନାଲ ମ୍ୟାଚ୍ ଦିନ ପୁରସ୍କାର ବିତରଣୀ ମଂଚରେ ସ୍ଥାନୀୟ ବିଧାୟକ ତଥା କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଙ୍କ ଫଟୋ ନଥିବାରୁ ତାଙ୍କ ସମର୍ଥକମାନେ ତୀବ୍ର ନାପସନ୍ଦ କରିଛନ୍ତି । ଟୁର୍ଣ୍ଣାମେଂଟର ଫାଇନାଲ୍ ମ୍ୟାଚ୍ ଅବସରରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ଏବଂ ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ବ୍ଲକ ପ୍ରତିନିଧି ଅଶୋକ ପୁହାଣ ଓ ଏନ୍‌ଏସି ପ୍ରତିନିଧି କୈଳାସ ମହାପାତ୍ରଙ୍କ ସମେତ ଅନେକ ସ୍ଥାନୀୟ ବିଜେପି ନେତା ଉପସ୍ଥିତ ଥିଲେ । ମନ୍ତ୍ରୀଙ୍କ ସ୍ୱଘୋଷିତ ପ୍ରତିନିଧି ଅରବିନ୍ଦ ପତି ସଂପୂର୍ଣ୍ଣ କାର୍ଯ୍ୟକ୍ରମର ପରିଚାଳନା ଦାୟିତ୍ୱ ତୁଲାଇଥିଲେ । ଏପରିକି ସମସ୍ତ ସାମ୍ବାଦିକ ଙ୍କୁ ଉକ୍ତ କାର୍ଯ୍ୟକ୍ରମ ଆସିବା ପାଇଁ ଦାଇତ୍ୱ ନେଇ ଥିଲେ ବୋଲି ଜିଲ୍ଲା କ୍ରୀଡା ଅଧିକାରୀ ଦେବଦତ ମହାପାତ୍ର କହିଥିଲେ । ମଂଚରେ ଲଗାଯାଇ ଥିବା ବ୍ୟାନର ଓ ଷ୍ଟାଣ୍ଡିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ସାଂସଦ ଅଭିମନ୍ୟୁ ସେଠୀ ଓ ବିଧାୟକ ସିତାଂଶୁ ମହାପାତ୍ରଙ୍କ ଫଟୋ ସ୍ଥାନ ପାଇଥିଲା । ମାତ୍ର ଆଶ୍ଚର୍ଯ୍ୟଜନକ ଭାବେ ସ୍ଥାନୀୟ ବିଧାୟକ ତଥା ରାଜ୍ୟ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ କୌଣସି ଫଟୋ ମଂଚରେ ନଥିଲା । ଯେଉଁ ମନ୍ତ୍ରୀଙ୍କ ପ୍ରଚେଷ୍ଟାରେ ଦୋବଲ ଭଳି ସ୍ଥାନରେ ଏଭଳି ଏକ ବୃହତ ଟୁର୍ଣ୍ଣାମେଂଟ ଆୟୋଜିତ ହେଉଛି, ସେଠାରେ ତାଙ୍କ ଫଟୋ ନ ରହିବାକୁ ସମର୍ଥକ ମାନେ ସହଜରେ ଗ୍ରହଣ କରିପାରି ନାହାନ୍ତି । ଏହି ବିବାଦ ଉପରେ ସ୍ପଷ୍ଟୀକରଣ ରଖି ଜିଲ୍ଲା କ୍ରୀଡ଼ା ଅଧିକାରୀ ଦେବବ୍ରତ ମହାପାତ୍ର କହିଛନ୍ତି ଯେ, ମୁଁ ନୂଆକରି ଦାଇତ୍ୱ ନେଇଚି ତୃଟି ବିଚ୍ୟୁତି ଥାଇପାରେ ବୋଲି ସେ କହିଥିଲେ । ଅନ୍ୟପଟେ ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ ମଧ୍ୟ ଏହି ପ୍ରସଙ୍ଗରେ ପ୍ରତିକ୍ରିୟା ରଖି କହିଛନ୍ତି ଯେ, ଏହା କୌଣସି ବିବାଦର ବିଷୟ ନୁହେଁ ଏବଂ ଏଭଳି ଏକ ଛୋଟ କଥାକୁ ନେଇ ଏତେ ବଡ ବିବାଦ କରିବାକୁ ସେ ଅନୁରୋଧ କରିଛନ୍ତି । ଅନ୍ୟ ପକ୍ଷେ ଧାମନଗର ରେ ମନ୍ତ୍ରୀ ଅନେକ ଉନ୍ନତି ମୂଳକ କାର୍ଯ୍ୟ କରୁଥିବା ବେଳେ ତାଙ୍କୁ ବଦ ନାମ କରିବାକୁ ଚକ୍ରାନ୍ତ ଚାଲିଚି ବୋଲି କିଛି ଲୋକ କୁହାକୁହି ହେଉଛନ୍ତି ।

# ନୂତନ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ



କେନ୍ଦୁଝର(ନିପ୍ର): କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକ ଅନ୍ତର୍ଗତ ବଡନେଉଳି ପଂଚାୟତର ବଡ଼ନେଉଳି ଗ୍ରାମର ବଡ଼ ନଦୀ କୂଳରେ ନୂତନ ବ୍ରହ୍ମେଶ୍ୱର ମହାଦେବ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ କରାଯାଇଛି । ବିଧି ଅନୁସାରେ ପୂଜକ ଶୁକଦେବ ରଥ ପୂଜାକରି କଳସ ଯାତ୍ରା ସକାଳ ଘ.୯:୦୦ ଟୀକାରେ ଆରମ୍ଭ କରିଥିଲେ ଏବଂ ଭୂମି ପୂଜନ ଅପରାହ୍ନ ଘ. ୧:୦୦ ଟୀକା ସମୟରୁ ଆରମ୍ଭ ହୋଇଥିଲା । ଏହି ଅବସରରେ ୯ ଖଣ୍ଡ ଗ୍ରାମ ବଡନେଉଳି, ସାନନେଉଳି, ପାନପୋଷି, ରନ୍ଦାପୋଷି, ଖୁଦପୋଷି, ପୋଡ଼ାସିମିଳା, ପାହାଡ଼ପୁର, ସାବକଧନଜୟପୁର ଏବଂ ସିଲିଟିଆର ଶ୍ରଦ୍ଧାଳୁ ମାନେ ଉତ୍ସାହର ସହିତ ଉପସ୍ଥିତ ଥିଲେ । ଆଖ ପାଖ ଗ୍ରାମରେ ଆଧ୍ୟାତ୍ମିକ ତଥା ଭକ୍ତିମୟ ପରିବେଶ ମଧ୍ୟ ସୃଷ୍ଟି ହୋଇଥିଲା । ଏହି ଭୂମି ପୂଜନରେ ବଡନେଉଳି ଗ୍ରାମର ସମସ୍ତ ଯୁବକ ମାନେ ପୂଜା କାର୍ଯ୍ୟ ତୁଲାଇ ଥିଲେ ।

# ମାନବିକତା ହିଁ ପରମ ଧର୍ମ




ଖୋର୍ଦ୍ଧା(ନିପ୍ର): ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଗ୍ରାମର ମହମୁଦାବାଦ ଅହମଦିୟା ମୁସଲିମ ମହିଳା ସଂଗଠନ ଲଜନାଇମାଉଲ୍ଲାଃ ପକ୍ଷରୁ ଏକ ସର୍ବଧର୍ମ ସମନ୍ୱୟବାର ଧର୍ମ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଏହି ସମ୍ମିଳନୀରେ ଜିଲ୍ଲା ଖୋର୍ଦ୍ଧା ଓ ନୟାଗଡର ସଭାନେତ୍ରୀ ଅମତୁଲ ହାଫିଜ ପୌରୋହିତ୍ୟ କରିଥିଲେ । ମହିମୁଦାବାଦ ମହିଳା ସଂଗଠନର ସଭାନେତ୍ରୀ ତସୁରୁନ ନାଜେରିନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ସମ୍ମୀଳନୀର ଶୁଭାରମ୍ଭ ପବିତ୍ର କୋରାନ ପାଠ ସହ କରାଯାଇଥିଲା ଏ । ପବିତ୍ର କୋରାନ ପାଠ କଲିମା ବେଗମ କରିଥିବା ବେଳେ ହଦିସ ପାଠ ନସିରା ବେଗମ କରିଥିଲେ । ଓଡ଼ିଆ ନ ଜମ ସଂଗୀତ ନସିମା ବେଗମ ପରିବେଷଣ କରିଥିଲେ । ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଶମିମା ବେଗମ ବିଶ୍ୱରେ ସ୍ଥାୟୀ ଶାନ୍ତି କିପରି ସ୍ଥାପନା କରାଯିବ, ସେ ବିଷୟରେ ମତାମତ ରଖିଥିଲେ । ଆଉ ଏକ ଓଡିଆ ନଜମ ସଂଗୀତ ଯାହାଁଆରା ବେଗମ ପଠିଥିବା ବେଳେ ଦ୍ୱିତୀୟ ବକ୍ତା ଭାବେ ହରିଜନ ସାହିର ମହିଳା ସଭାନେତ୍ରୀ ସର୍ବଧର୍ମ ସମନ୍ୱୟବାଦ ବିଷୟରେ ମତାମତ ରଖିଥିଲେ । ମୁଖ୍ୟ ଅତିଥି ମହିମୁଦାବାଦ ମହିଳା ସଙ୍ଗଠନର ସଭାନେତ୍ରୀ ତସୁରୁନ ନାଜେରିନ ସନ୍ତାନ ମାନଙ୍କର ଉଚିତ୍ ଶିକ୍ଷା- ଦିକ୍ଷା ବିଷୟରେ ମତାମତ ରଖିଥିଲେ । ପୌରୋହିତ୍ୟ ଭାଷଣରେ ଜିଲ୍ଲା ଖୋର୍ଦ୍ଧା ଓ ନୟାଗଡର ସଭାନେତ୍ରୀ ଅମତୁଲ ହାଫିଜ୍ ବାପ-ମାଁଙ୍କ ପ୍ରତି ସମ୍ମାନ ଏବଂ ସନ୍ତାନର କର୍ତବ୍ୟ ପ୍ରତି ଦୃଷ୍ଟି ଆକର୍ଷଣ କରିଥିଲେ । ପରିଶେଷରେ ବିଶ୍ୱଶାନ୍ତି ପାଇଁ ସାମୂହିକ ନିରବ ପ୍ରାର୍ଥନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୩୫୦ରୁ ଊର୍ଦ୍ଧ୍ୱ ମହିଳା ଏବଂ ପିଲାମାନେ ଯୋଗ ଦେଇଥିଲେ ।

# ପଶ୍ଚିମବଙ୍ଗ ନିର୍ବାଚନ ପ୍ରଚାରରେ ସାଂସଦ ରୁଦ୍ର ନାରାୟଣ ପାଣି



ଅନୁଗୁଳ/ତାଳଚେର(ନିପ୍ର): ବିଜେପି ର ବରିଷ୍ଠ ନେତା ଢେଙ୍କାନାଳ ଲୋକସଭା ସାଂସଦ ରୁଦ୍ର ନାରାୟଣ ପାଣି ପଶ୍ଚିମବଙ୍ଗ ନିର୍ବାଚନ ପ୍ରଚାର ରେ ସାମିଲ ହୋଇଛନ୍ତି । ପାର୍ଟିର ନିଷ୍ପତି ଅନୁସାରେ ନର୍ଥ ହାୱଡ଼ା ୧୭୦ ନମ୍ବର ବିଧାନସଭା କ୍ଷେତ୍ରର ବିଜେପି ପ୍ରାର୍ଥୀ ଉମେଶ ରାୟ ଙ୍କ ପାଇଁ ପ୍ରଚାର ର ମଙ୍ଗ ଧରିଛନ୍ତି ସାଂସଦ ଶ୍ରୀ ପାଣି । ବିହାର ର ସାଂସଦ ଜନାର୍ଦ୍ଦନ ସିଂହ ସିଗ୍ରିୱାଲଙ୍କ ସହ ମିଶି ବିଜେପି ସାଙ୍ଗଠନିକ ବୈଠକ କରିବା ସହ ବିଭିନ୍ନ ବର୍ଗ ର ସାମୁହିକ ସଂଗୋଷ୍ଠୀଙ୍କୁ ଭେଟି ବିଜେପି ପାଇଁ ନିର୍ବାଚନ ପ୍ରଚାର କରିଛନ୍ତି । ଆଗାମୀ ୨୯ ତାରିଖ ରେ ଏହି ଅଂଚଳ ରେ ନିର୍ବାଚନ ହେବ । ସାଂସଦ ଶ୍ରୀ ପାଣି ଦୀର୍ଘ ୫୦ ବର୍ଷ ରୁ ଉର୍ଦ୍ଧ ସମୟ ଧରି ଛାତ୍ର ଜୀବନରେ ଏବିଭିପି ର ଛାତ୍ର ନେତା ଭାବେ ୧୯୭୫ ମସିହାରେ ଦେଶରେ କଂଗ୍ରେସ ସରକାର ଏମରଜେନସି ରେ ଦୀର୍ଘ ସମୟ ଜେଲ ରେ ଥିଲେ । ସେହି ସମୟ ରୁ ରାଷ୍ଟ୍ରୀୟ ବିଚାର ଦେଶ ପ୍ରଥମ କୁ ଆଧାର କରି ବିଜେପି ପାଇଁ କାର୍ଯ୍ୟରତ । ପାର୍ଟି ଯେତେବେଳେ ଯାହା ଦାୟିତ୍ୱ ଦେଇଛି ତାକୁ ନିଷ୍ଠାର ସହ ତୁଲାଇ ଥାଆନ୍ତି ସାଂସଦ ଶ୍ରୀ ପାଣି ।



# ବ୍ରହ୍ମପୁର ଷ୍ଟେସନର ଅତ୍ୟାଧୁନିକରଣ ଓ ୩୦୦ କୋଟି ରୂପାନ୍ତରୀଣ ଅନୁଦାନକୁ ଦକ୍ଷିଣ ଓଡ଼ିଶା ରେଳପଥ ଉନ୍ନୟନ ମିଳିତ କ୍ରିୟାନୁଷ୍ଠାନ କମିଟି ତରଫରୁ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ବିଶେଷ ଅଭିନନ୍ଦନ

ବ୍ରହ୍ମପୁର(ନି.ପ୍ର.): ବହୁ ପ୍ରତିକ୍ଷିତ ଭୁବନେଶ୍ୱର, କଟକ ଓ ପୁରୀ ଭଳି ବ୍ରହ୍ମପୁର ଷ୍ଟେସନକୁ ବିଶ୍ୱସ୍ତରୀୟ ରେଳ ଷ୍ଟେସନ କରିବାପାଇଁ ଦକ୍ଷିଣ ଓଡିଶା ରେଳପଥ ଉନ୍ନୟନ ମିଳିତ କ୍ରିୟାନୁଷ୍ଠାନ କମିଟି ତରଫରୁ ବହୁବାର ଆନ୍ଦୋଳନ କରାଯାଇଆସୁଅଛି ଓ ଗତ କିଛିଦିନ ପୂର୍ବରୁ ରେଳ ବିଭାଗ ତରଫରୁ ସ୍ୱଚ୍ଛଭାବେ ୯୩.୧୯ କୋଟି ଆର୍ଥିକ ଅନୁଦାନ ବୃଦ୍ଧି କୁ ନେଇ ସାମାଜିକ କର୍ମୀମାନଙ୍କ ମଧ୍ୟରେ ବିଭିନ୍ନ ମତପ୍ରକାଶ ପାଇଥିଲା ଓ ଫଳରେ ଏହାକୁ ନେଇ କ୍ରିୟାନୁଷ୍ଠାନ କମିଟି ତରଫରୁ ନିକଟରେ ନୂଆ ଦିଲ୍ଲୀ ସ୍ଥିତ ରେଳ ମନ୍ତ୍ରଣାଳୟଠାରେ ବ୍ରହ୍ମପୁର ରେଳ ଷ୍ଟେସନକୁ ଅମୃତଭଓରତ ଯୋଜନା ତଥା ବିଶ୍ୱ ସ୍ତରୀୟ ରେଳଷ୍ଟେସନରେ ପରିଣତ କରିବା ସହ ଷ୍ଟେସନ ର ସର୍ବାଙ୍ଗୀନ ବୃହତ ଭିତିଭୂମି ପ୍ରତିଷ୍ଠା କରିବାପାଇଁ ବାରମ୍ବାର ଦୃଢ ଦାବି କରାଯାଇଥିଲା ଯଦ୍ୱାରା ଦକ୍ଷିଣ ଓଡିଶାର ବିଭିନ୍ନ ଗଣସଙ୍ଗଠନ ମାନଙ୍କ ମିଳିତ ମଂଚ "'ଦକ୍ଷିଣ ଓଡିଶା ରେଳପଥ ଉନ୍ନୟନ ମିଳିତ କ୍ରିୟାନୁଷ୍ଠାନ କମିଟି'" ତରଫରୁ ରେଳ ବିଭାଗର କ୍ରମାଗତ ଅବହେଳା ପ୍ରତିବାଦରେ ଗତ ୧୦ ତାରିଖରେ ନୂଆଁଦିଲ୍ଲୀ ରେଳ ଭବନ ଓ ଯନ୍ତର-ମନ୍ତର ଠାରେ ବିକ୍ଷୋଭ ପ୍ରଦର୍ଶନ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା ଓ ବିକ୍ଷୋଭ ପ୍ରଦର୍ଶନ ପରେ ନୂଆଁଦିଲ୍ଲୀ ସ୍ଥିତ ରେଳୱେ ବୋର୍ଡ ଚେଇରମେନଙ୍କ କାର୍ଯ୍ୟାଳୟ ଯାଇ ଦାବି ପତ୍ର ପ୍ରଦାନ କରାଯାଇଥିଲା ଓ କିନ୍ତୁ ବହୁ ବିଳମ୍ବରେ ହେଲେ ମଧ୍ୟ ମାନ୍ୟବର କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଂଷ୍ଣବ ଏହାକୁ ନେଇ ୩୦୦ କୋଟି ଟଙ୍କାର ରୂପାନ୍ତରୀଣ ଅନୁଦାନକୁ ଏବଂ ବହୁମୁଖୀ ଭିତିଭୂମି ପ୍ରତିଷ୍ଠା କରିବାପାଇଁ ପଦକ୍ଷେପ ନେଇଥିବା ଯୋଗୁଁ ଦକ୍ଷିଣ ଓଡିଶା ରେଳପଥ ଉନ୍ନୟନ ମିଳିତ କ୍ରିୟାନୁଷ୍ଠାନ କମିଟି ତରଫରୁ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ବିଶେଷ ଅଭିନନ୍ଦନ କରାଯାଇଛି ଓ ଫଳରେ ବ୍ରହ୍ମପୁର ରେଳ ଷ୍ଟେସନର ଭିତିଭୂମି ବିକାଶର ସଫଳ ରୂପାୟନ ଓ ବିଶ୍ୱ ସ୍ତରୀୟ ଷ୍ଟେସନ ଭାବେ ବିକାଶକୁ ତ୍ୱରାନ୍ୱିତ ହୋଇପାରିବ ବୋଲି ଦକ୍ଷିଣ ଓଡ଼ିଶାର ବହୁ ବୁଦ୍ଧିଜୀମାନଙ୍କ ମଧ୍ୟରେ ମତପ୍ରକାଶ ପାଇଛି ଓ ଏଥି ସହ ୧୦୦ ବର୍ଷ ରୁ ଉର୍ଦ୍ଧ ସମୟ ଧରି ଦାବି କରାଯାଇ ଆସୁଥିବା ବେଳେ ଆଜି ଶୁଦ୍ଧଓ ଅଭିଭକ୍ତ ଗଂଜାମ ଜିଲ୍ଲାରେ ଗୋଟିଏ ଇଂଚ ରେଳପଥ ମଧ୍ୟ ନିର୍ମାଣ ହୋଇପାରିଲାନାହିଁ ଓ ଏବଂ ଏହାକୁ ନେଇ ବାରମ୍ବାର ସର୍ଭେ କରାଯାଉଥିଲା ମଧ୍ୟ ଏହି ତିନୋଟି ରେଳପଥ ନିର୍ମାଣରେ ଜାଣିଶୁଣି ଅବହେଳା କରାଯାଉଛି ସେଥିପାଇଁ ଦକ୍ଷିଣ ଓଡିଶା ତଥା ଗଂଜାମ ଜିଲ୍ଲାର ଜନସାଧାରଣ ଅତ୍ୟନ୍ତ କ୍ଷୋଭ ସହ ଦୃଢ ଦାବି କରିଆସୁଛନ୍ତି ଓ ହେଲେ ମନ୍ତ୍ରଣାଳୟର ତରଫରୁ କୌଣସିମତେ ଉଚିତ ପଦକ୍ଷେପକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ? ଯାହାକିଂଚଗୋପାଳପୁର (ବ୍ରହ୍ମପୁର)- ରେଢ଼ାଖୋଲ (ସମ୍ବଲପୁର), ଂଚଗୋପାଳପୁର-ସିଙ୍ଗାପୁର ରୋଡ (ରାୟଗଡା), ଂଚଗୋପାଳପୁର- ତାଳଚେର ରେଳପଥ ଭାୟା ତାରା ତାରିଣୀ ଶକ୍ତିପୀଠ ନିର୍ମାଣକୁ ଜାଣିଶୁଣି ଅବହେଳା କରାଯାଉଛିଓ ବାରମ୍ବାର ସର୍ଭେ କରାଯାଇଥିଲେ ମଧ୍ୟ ଏହାକୁ କାର୍ଯ୍ୟକ୍ଷମ ତଥା ଆର୍ଥିକ ଅନୁମୋଦନ କରାଯାଉନାହିଁ ଫଳରେ ଦକ୍ଷିଣ ଓଡିଶା ସହ ପଶ୍ଚିମ ଓଡିଶା ସହ ସିଧାସଳଖ ଯୋଗାଯୋଗ ଓ ସାମାଜିକ ଅର୍ଥନୈତିକ ପ୍ରଗତି ବାଧାପ୍ରାପ୍ତ ହେଉଛି । ଏବଂ ଗୋଳନ୍ଥରା (ବ୍ରହ୍ମପୁର)ରେ କୋଚିଙ୍ଗ ଡିପୋ ଆବଶ୍ୟକତା ଦୃଷ୍ଟିରୁ ତୁରନ୍ତ ଆର୍ଥିକ ଅନୁଦାନ, ବ୍ରହ୍ମପୁର ଷ୍ଟେସନରେ କେତୋଟି ସାପ୍ତାହିକ ଓ ଋତୁ କାଳୀନ ଟ୍ରେନ ରହିବା ଅତ୍ୟନ୍ତ ଆବଶ୍ୟକତା ଥିବାବେଳେ ଏହାର ବ୍ୟତିକ୍ରମ ଭାବେ ପଲାସାରେ ରହଣି ବ୍ୟବସ୍ଥା ଥିବାବେଳେ ବ୍ରହ୍ମପୁର ରେ କାହିଁକି ବ୍ୟତିକ୍ରମ ? କିନ୍ତୁ ଉପରୋକ୍ତ ମୁଖ୍ୟ ଦାବିଗୁଡିକୁ ଯଥାଶୀଘ୍ର ମାନ୍ୟବର କେନ୍ଦ୍ର ରେଳମନ୍ତ୍ରୀ ପୂରଣ କରିବେ ବୋଲି ଦକ୍ଷିଣ ଓଡିଶା ବାସୀ ଆଶାବ୍ୟକ୍ତ କରିଛନ୍ତି ଓ ଏଥିରେ ଦକ୍ଷିଣ ଓଡିଶା ରେଳପଥ ଉନ୍ନୟନ ମିଳିତ କ୍ରିୟାନୁଷ୍ଠାନ କମିଟିର ଆବାହକ ତଥା ଆଇନଜୀବୀ ସରୋଜ ରଞ୍ଜନ ପଟ୍ଟନାୟକ, ଗଂଜାମ ଜିଲ୍ଲା ବିକାଶ ମଂଚର ଆବାହକ ରାଜେନ୍ଦ୍ର ପଣ୍ଡା, ବିନୋଦ ଠାକୁର, ଓଡିଶା ଡେଭେଲପ୍ମେଂଟ ଫୋରମର ପ୍ରିତିଶ ପାଣିଗ୍ରାହୀ, ସନ୍ତୋଷ କୁମାର ସାହୁ , ରମେଶ ସାହୁ , ସ୍ୱାଭିମାନ ଓଡିଶା ର ଆବାହକ ଅମ୍ବିକା ପ୍ରସାଦ ପଣ୍ଡା , ବିବେକାନନ୍ଦ ଅନୁଷ୍ଠାନର ସଭାପତି କେଦାର ନାଥ ପଣ୍ଡା, ଦେବବ୍ରତ ଦେଓ, ପ୍ରଗତିଶୀଳ ଉତ୍କଳ ସମାଜ ର ରାଜ୍ୟ ସମ୍ପାଦକ ମାନସ ରଞ୍ଜନ ପାତ୍ର, ଉମା ଚରଣ ନାୟକ, ମହେଶ୍ୱର ବଡ଼ତୟଓ, ସୁରେନ୍ଦ୍ର ରାଉତ, ସୂର୍ଯ୍ୟ ନାରାୟଣ ବେହେରା , ଦୀପକ ପଣ୍ଡା , ସୁଜିତ କୁମାର ତ୍ରିପାଠୀ, ଗଂଜାମ ଚାମ୍ବର ଅଫ କମର୍ଶ ର ସୌଭାଗ୍ୟ ପାତ୍ର , ହସ କ୍ଲବ ର ଭାସ୍କର ପାଢ଼ୀ, ବରିଷ୍ଠ ନାଗରିକ ମଂଚର ପ୍ରମୋଦ କୁମାର ମିଶ୍ର ପ୍ରମୁଖ ରେଳ ମନ୍ତ୍ରଣାଳୟ ନିକଟରେ ଦୃଢ ଦାବି କରିଛନ୍ତି ।

# ପ୍ଲଟ ବ୍ୟବସାୟୀ ସୁଧୀର ପାତ୍ର ଅପହରଣ ଓ ହତ୍ୟା ଘଟଣା: ଝିଆରୀ ମୁଖ୍ୟ ଅଭିଯୁକ୍ତ



ବ୍ରହ୍ମପୁର(ନି.ପ୍ର.) : ଗଂଜାମ ଜିଲ୍ଲା ବ୍ରହ୍ମପୁର ଉପକଣ୍ଠ କରାପଲି ଗାଁର ପ୍ଲଟ ବ୍ୟବସାୟୀ ସୁଧୀର ପାତ୍ର ଅପହରଣ ଓ ହତ୍ୟା ଘଟଣାରେ ସୁଧୀରଙ୍କ ପୁତୁରା ଓ ଝିଆରୀ ତଥା ସତ୍ୟନାରାୟଣପୁର ଗ୍ରାମର ତୁଷାର କୁମାର ପାତ୍ର ଓ ତୁଷାରଙ୍କ ଭଉଣୀ ନିବେଦିତା ପାତ୍ର ଓ ନିବେଦିତାଙ୍କ ପ୍ରେମିକ ସମେତ ୭ ଜଣଙ୍କୁ ଗିରଫ କରିଛି ଗୋପାଳପୁର ଥାନା ପୋଲିସ କ୍ଷ ଗିରଫ ଅଭିଯୁକ୍ତମାନେ ହେଲେ ଝିଆରୀ ନିବେଦିତା ପାତ୍ରଙ୍କ ପ୍ରେମିକ ତଥା ଗାଙ୍ଗପୁର ଥାନା କାଳିଆଗୁଡା ଗ୍ରାମର କାଳୁ ଚରଣ ପ୍ରଧାନ, ହିଂଜିଳି ଥାନା ଖରିଡ଼ା ଗ୍ରାମର ଶୁଭମ ନାୟକ, ପୁରୁଣାଖଣ୍ଡି ଗ୍ରାମର ଶୁଭମ ଗୌଡ଼, ଆଳପୁର ଗ୍ରାମର ଜିତୁନ୍ ପଳେଇ , ବୁଗୁଡ଼ା ଥାନା ରାମଣ୍ଡକ୍ଷ ଗ୍ରାମର ନାରାୟଣ ପ୍ରଧାନ , ବି, ବ୍ରହ୍ମପୁର ଗ୍ରାମର ଆଶିଷ ମହାପାତ୍ର ଓ ସୁରତରୁ ଉତରପ୍ରଦେଶର ସୂର୍ଯ୍ୟ ପ୍ରତାପ ସିଂ ଓରଫ୍ ଗୋଲୁ ଓରଫ ଲମ୍ବୁକୁ ପୋଲିସ ଗିରଫ କରିଛି କ୍ଷ ଏହାସହ ଅପହରଣରେ ଓ ହତ୍ୟାରେ ବ୍ୟବହୃତ ଗୋଟିଏ ବୋଲେରୋ ଗାଡ଼ି ଗୋଟିଏ ହ୍ୟୁଣ୍ଡାଇ ଗାଡ଼ି ଗୋଟିଏ ବନ୍ଧୁକ ଓ ୧୪ ଟି ମୋବାଇଲ ଫୋନ ଜବତ କରିଛି ପୋଲିସ କ୍ଷ ଏନେଇ ଗୋପାଳପୁର ଥାନାରେ କେସ ନଂ ୨୧୩/୨୬ ରେ ଏକ ମାମଲା ରୁଜୁ ମାମଲା କ୍ଷ ଏହି ଅପହରଣ ଓ ହତ୍ୟା ଘଟଣାରେ ଆହୁରି କିଛି ଅଭିଯୁକ୍ତ ଫେରାର ଅଛନ୍ତି ସେମାନଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀ ଗଂଜାମ ଏସପି ଶୁଭେନ୍ଦୁ କୁମାର୍ ପାତ୍ର ସୁଚନା ଦେଇଛନ୍ତି । ।ସମ୍ପତି ବିବାଦରୁ ସୁଧୀର ପାତ୍ରଙ୍କୁ ଅପହରଣ ପରେ ହତ୍ୟା କରାଯାଇଥିବା ପୋଲିସ କହିଛି ।

# ସରକାରୀ ଶିକ୍ଷକ ପୂର୍ବ ଶତୃତାକୁ ନେଇ ସାମ୍ବାଦିକକୁ ମାରାତ୍ମକ ଆକ୍ରମଣ

ଧାମନଗର (ନି.ପ୍ର.)। ଧାମନଗର ଅଂଚଳ ର ସାମ୍ବାଦିକ ସେକ ଜାଫର ଅଲି ଙ୍କୁ ଜଗତି ଶାମପୁର ର ପ୍ରଧାନ ଶିକ୍ଷକ ସେକ ସମସୁଦ୍ଦିନ ଆକ୍ରମଣ କରିବା ନେଇ ଧାମନଗର ଥାନା ରେ ଅଭିଯୋଗ ପରେ ଧାମନଗର ଥାନା ଅଧିକାରୀ ସାମ୍ବାଦିକ ଙ୍କ ଅଭିଯୋଗରେ ଥାନା ରେ କେସ ନମ୍ବର୍ ୧୭୪/୨୬ ରେ ଏକ ମାମଲା ରୁଜୁ କରା ଯାଇ ତଦନ୍ତ ଆରମ୍ଭ ହୋଇଛି । ସୁଚନା ସେକ ଜାଫର ୧୬ ତାରିଖ ଗୁରୁବାର ରାତି ପ୍ରାୟ ୧୦ ଟା ସମୟରେ ପୀରବାବାଙ୍କୁ ଦର୍ଶନ କରିବା ପାଇଁ ଖାନକା ସରିଫ କୁ ଯାଇଥିଲି । ପୀରବାବାଙ୍କୁ ଦର୍ଶନ ପରେ ବ୍ୟକ୍ତିଗତ କାମ ସାରି ୧୦ ଟା ୪୦ ମିନିଟ ସମୟରେ ଘରକୁ ଫେରିବା ବେଳେ ଖାନକା ସରିଫ ଅଫିସ ସମ୍ମୁଖରେ ପୂର୍ବ ଶତୃତା ବିଦ୍ୟାଳୟ ଅନିୟମିତତାକୁ ଖବର ପରିବେଷଣ ଏବଂ ମିଛ କଥା ଶୁଣି ଉକ୍ତ ଶିକ୍ଷକ ହଟାତ ଉତକ୍ଷିପ୍ତ ହୋଇ ଜୀବନରୁ ମାରିଦେବା ପାଇଁ ମାରାତ୍ମକ ଆକ୍ରମଣ କରି ମୁଣ୍ଡକୁ ଶକ୍ତ ପାହାର ଦେଇଛନ୍ତ ପରେ ଶିକ୍ଷକ ଜଣକ ଫୋନ କରି ନିଜ ସହଯୋଗୀ ୪ ଜଣ ଯୁବକ ମାନଙ୍କୁ ଡକାଇ ପୁଣି ସଂଘବଦ୍ଧ ଭାବେ ଆକ୍ରମଣ କରିଛନ୍ତି । ଆହତ ହୋଇ ସାମ୍ବାଦିକ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ହୋଇ ଥିଲେ ତେବେ ଘଟଣା ର ସମାଧାନ ପାଇଁ ଉଦ୍ୟମ ପରେ ସମଧାନ ନ ହେବାରୁ ସାମ୍ବାଦିକ ଥାନାରେ ଅଭିଯୋଗ ପରେ ପୋଲିସ ଘଟଣା ର ତଦନ୍ତ ଆରମ୍ଭ କରିଛନ୍ତି ।

# ଝାରସୁଗୁଡ଼ା - ବ୍ରଜରାଜନଗର ରାସ୍ତା ମୃତ୍ୟୁର ଯନ୍ତା ହୋଇଛି

ଝାରସୁଗୁଡ଼ା(ନି.ପ୍ର.) -ଜିଲ୍ଲା ସଡକ ସୁରକ୍ଷା ସମିତିର ବୈଠକ ବରାବର ଅନୁଷ୍ଠିତ ହେଉଛି । ବୈଠକରେ ରାସ୍ତା ସୁରକ୍ଷାକୁ ନେଇ ଅନେକ ପ୍ରସ୍ତାବ ମାନ ହେଉଛି କିନ୍ତୁ ତାହା କାର୍ଯ୍ୟକାରୀ ହେଉ ନାହିଁ । ଏହାର ବହୁତ ଜ୍ୟଳନ୍ତ ଉଦାହରଣ ରହିଛି । ଜିଲ୍ଲାରେ ବଢୁ ଥିବା ସଡକ ଦୁର୍ଘଟଣା ରୋକିବା ପାଇଁ ବ୍ୟାପକ କାର୍ଯ୍ୟପନ୍ଥା ଗ୍ରହଣ ର ପ୍ରସ୍ତାବ ହେଉଛି । ତାହା କେବଳ କାଗଜ କଲମରେ ସିମିତ ରହୁଛି । ଶିଳ୍ପସଂସ୍ଥା ଗୁଡିକରୁ ପାଉଁଶ ପରିବହନ କରୁ ଥିବା ଗାଡି ଗୁଡିକ ଯେପରି ସଂପୂର୍ଣ ତାରପୋଲିନରେ ଘୋଡାଯିବ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ଜାରି ପରିଚାଳନା ପଦ୍ଧତି କଡାକଡି ଭାବରେ ଅନୁପାଳନ କରା ଯିବ ସେଥି ପ୍ରତି ଶିଳ୍ପସଂସ୍ଥାକୁ ନିର୍ଦ୍ଦେଶ ରହିଛି କିନ୍ତୁ ତାହା କାର୍ଯ୍ୟକାରି ହେଉନାହିଁ । ଜାତୀୟ ରାଜ ପଥପାର୍ଶ୍ୱରେ ରାତ୍ରି ସମୟରେ ଗାନ୍ଧିଛକରୁ - ପ୍ରସନ୍ନ ପଣ୍ଡା ଛକ ମଧ୍ୟରେ ଭାରିଯାନ ଗୁଡିକ ଅନାଧିକୃତ ଭାବରେ ଛିଡା ରହୁଛି ।ଏଠାରେ ସୂଚନା ଯୋଗ୍ୟ ଯେ ଭାରିଯାନ ଗୁଡିକର ଚାଳକ ମାନେ ମାଲିକ ମାନଙ୍କ ଠାରୁ ଅଧିକ ଅର୍ଥ ନେଇ ଗାଡି ଗୁଡିକରେ ଦ୍ବିତିୟ ବ୍ୟକ୍ତି ନିଯୁକ୍ତି ଦେଉ ନାହାଁନ୍ତି । ଯାହା ଫଳରେ ଗାଡି ଚାଳକ ଗାଡିର ବାମ ପାଶ୍ୱର୍ ଦେଖି ନପାରିବାରୁ ଦୁର୍ଘଟଣା ମାନ ହେଉଛି । ଏହାର ଏକ ଉଦାହରଣ ହେଉଛି ଗତକାଲି ବୁଧୁବାର ସନ୍ଧ୍ୟା ରେ ପ୍ରସନ୍ନ ପଣ୍ଡା ଛକରେ ଟ୍ରେଲର ଚାପି ଦେବାରୁ ଦୁଇଜଣ ବାଇକ ଆରୋହି ଙ୍କର ମୃତ୍ୟୁ ହୋଇଛି । ବାଇକ ଆରୋହି ଠିଆ ହୋଇ ଥିବା ବେଳେ ଟ୍ରେଲର ସୁନ୍ଦରଗଡ ପଡକୁ ଯାଉ ଥିଲା ବାମ ପାର୍ଶ୍ୱରେ ବାଇକ ଆରୋହି ଠିଆ ହୋଇ ଥିଲେ । ଚାଳକ ବାମ ପାଶ୍ୱର୍ ଦେଖି ପାରି ନଥିଲା । ଭାରିଯାନରେ ହେଲପର କିମ୍ବା ଡ୍ରାଇଭର ନିତ୍ୟାନ୍ତ ରହିବା ଜରୁରୀ ଅଟେ । ଏଥି ପ୍ରତିଧାନ ଦେଲେ ଦୁର୍ଘଟଣା ହ୍ରାସ ପାଆନ୍ତା । ଏଠାରେ ସୁଚନା ଯୋଗ୍ୟ ଯେ ଗତ ଜାନୁଆରୀ ୨୩ ତାରିଖ ଏବଂ ଜାନୁଆରୀ ୩୧ ତାରିଖରେ ଆମ କାଗଜରେ ପ୍ରସନ୍ନ ପଣ୍ଡା ଛକରୁ ଗାନ୍ଧୀ ଛକ ପର୍ଯ୍ୟନ୍ତ ଦୁର୍ଘଟଣା ପ୍ରବଣ ବୋଲି ସମ୍ବାଦ ପ୍ରକାଶ ପାଇଥିଲା । ୩୧ ତାରିଖ ରାତି ୯ଟା ୩୦ରେ ହ-କଟାପାଲି କଲେଜ ନିକଟରେ ଏହି ରାସ୍ତାରେ ବ୍ରଜରାଜନଗର ଯାଉଥିବା କୁଦୋପାଳି ଗ୍ରାମର ୨୫ ବର୍ଷ ବୟସ ଯୁବକ ଗୁରୁଦେବ ନାଏକଙ୍କର ଅନ୍ଧାରରେ ରାସ୍ତାରେ ଶୋଇଥିବା କଳା ଗାଇ ସହିତ ଧକ୍କା ହେବା ପରେ ଛିଟିକି ହୋଇ ଆଗରୁ ଆସୁଥିବା ଏକ ଗାଡ଼ି ସହିତ ଧୋକା ହୋଇ ଶରୀରରୁ ମୁଣ୍ଡଟି ସଂପୁର୍ଣ କଟିଯାଇ ୧୫ ଫୁଟ ଦୁରରେ ପଡିଥିଲା । ଗତ ୨୧-୦୨-୨୬ ତାରିଖରେ ଜାତୀୟ ରାଜପଥ ୪୯ ଝାରସୁଗୁଡ଼ା ବ୍ରଜରାଜନଗର ରାସ୍ତାର ସଦର ଥାନା ଠାରୁ ୫୦ ମିଟର ଦୁରରେ ଏକ ଟ୍ରଲର ସହିତ ପୋଲିସ କର୍ମଚାରୀ ମାନେ ଆସୁଥିବା ଗାଡ଼ିର ମୁହାଁମୁହିଁ ଧକ୍କା ହେବାରୁ ଏ ଘଟଣା ସ୍ଥଳରେ ୫ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଗୁରୁତର ହୋଇ ଥିଲେ । କିନ୍ତୁ ଏ ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନର ଚେତା ପଶି ନାହିଁ । ଏଚ୍ କଟାପାଲି ସ୍କୁଲ, କଲେଜ, ଆଦର୍ଶସ୍କୁଲ ଓ ହକି ଷ୍ଟାଡିୟମ ନିକଟରେ ବେରିକେଟ ସହିତ ଦୃତଗାଡି ମାନଙ୍କୁ ରୋକିବା ପାଇଁ ବ୍ୟବସ୍ଥା କରିବା ଆଲୋକର ବ୍ୟବସ୍ଥା କରିବା ପାଇଁ ପ୍ରସ୍ତାବ ରହି ଥିଲେ ମଧ୍ୟ ଜାତୀୟ ରାଜପଥ ବିଭାଗ ଦ୍ୱାରା କାର୍ଯ୍ୟକରି ହେଉ ନାହିଁ । ଝାରସୁଗୁଡ଼ା ଜିଲ୍ଲା ପରିବହନ ଅଧିକାରୀଙ୍କୁ ଏହି ବିଷୟରେ ଯୋଗାଯୋଗ କରିବାରୁ ସେ ଦୁଃଖ ପ୍ରକାଶ କରି କହିଥିଲେ ଯେ ପ୍ରତ୍ୟେକ ସୁରକ୍ଷା ବୈଠକରେ ଏହି ରାସ୍ତାର ଗୁରୁତ୍ୱ ଉପରେ ଆଲୋଚନା କରାଯାଉଛି । ଜାତୀୟ ରାଜପଥ କର୍ତୃପକ୍ଷଙ୍କୁ ରାସ୍ତାରେ ଆଲୋକ ବ୍ୟବସ୍ଥା ପାଇଁ କୁହାଯାଇଛି । ଦ୍ରୁତ ଗାଡ଼ି ଚାଳନା ଉପରେ ଆଦର୍ଶ ସ୍କୁଲରୁ ହ-କଟାପାଳି କଲେଜ ପର୍ଯ୍ୟନ୍ତ ବେରିଗେଟର ବ୍ୟବସ୍ଥା ସହିତ ରବର ହମ୍ପସ୍ ପାଇଁ ଆଲୋଚନା କରାଯାଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇ ନାହିଁ ।

# ଅନ୍ତରା ମହୋତ୍ସବର ତୃତୀୟ ସଂଧ୍ୟା



ଖଇରା,(ନି.ପ୍ର.)ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଅନ୍ତରା ସ୍କୁଲ ପଡିଆରେ ଚାଲିଥିବା ଅନ୍ତରା ମହୋତ୍ସବର ବୁଧବାର ଥିଲା ତୃତୀୟ ସଂଧ୍ୟା । ବିଶିଷ୍ଟ କମେଡିଆନ ଗେଡୁ ସୁମନ ଓ ଅନ୍ୟତନ ସୁନାମଧନ୍ୟ ଧାରବାହିକ ଅଭିନେତ୍ରୀ ସସ୍ମିତାଙ୍କ ସଂଳାପ ଦର୍ଶକଙ୍କୁ ବାନ୍ଧି ରଖିବା ଭଳି ଥିଲା । ମହୋତ୍ସବ କମିଟିର ସଭାପତି ତ୍ରିଲୋଚନ ଉପାଧ୍ୟାୟଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ଖଇରା ସମୁଳିଆ ଅ□ଳରେ ମହୋତ୍ସବ ମଣିଷ ଭାବେ ପରିଚିତ ଶଶିକୁମାର ସାହୁ,ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ,ଭଦ୍ରକର ପୂର୍ବତନ ଏମପି ମଞ୍ଜୁଲତା ମଣ୍ଡଳ,ବାଲେଶ୍ୱର-ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ର ସଭାପତି ଗଣେଷ ପ୍ରସାଦ ବେହେରା ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଥମେ ଜଣେ ମଣିଷ ଅନ୍ୟ ଜଣେ ଜଣେ ମଣିଷକୁ ଭଲପାଇବା ଦରକାର । କାରଣ ଭଲପାଇବା ଦ୍ୱାରା ସବୁକୁଛି ହାସଲ କରାଯାଇ ପାରିବ ବୋଲି ପ୍ରକାଶ କରିଥିଲେ । ସରପ□ ରଶ୍ମିତା ଜେନା,ପ୍ରଫୁଲ୍ଲ କୁମାର ଦାସ,ଭାଗବତ ବେହେରା,ଶରତ କୁମାର ବିଶ୍ୱାଳ,ସୁବାଷ ପଣ୍ଡା,ସୁବାଷ ଜେନା ଓ ଅମରେଶ ପଣ୍ଡା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ବିଶିଷ୍ଟ ଶିକ୍ଷକ ରମେଶ ଚନ୍ଦ୍ର ମଣ୍ଡଳ ଓ ସ୍ୱେଛାସେବୀ ରମାକାନ୍ତ ବରାଳ ଙ୍କ ସମେତ ଅନ୍ୟ ବହୁ ପ୍ରତିଭାଦାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବସନ୍ତ କୁମାର ବିଶ୍ୱାଳ ମ□ ପରିଚାଳନା କରିଥିଲେ ।

# ଇଂରାଜୀ ଭାଷା ଦିବସ ଓ ବିଶ୍ୱ ପୁସ୍ତକ ଦିବସ ପାଳିତ

ଝାରସୁଗୁଡ଼ା (ନି.ପ୍ର.) ଡିଏଭି ପବ୍ଲିକ ସ୍କୁଲ ପରିସରରେ ଇଂରାଜୀ ଭାଷା ଦିବସ ଓ ବିଶ୍ୱ ପୁସ୍ତକ ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ଅଧକ୍ଷ ଲକ୍ଷ୍ମୀକାନ୍ତ ଦେବତାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଇଂରାଜୀ ସାହିତ୍ୟର କିମ୍ବଦନ୍ତୀ କବି, ଔପନ୍ୟାସିକ ତଥା ସାହିତ୍ୟିକ ଉଇଲିୟମ ସେକ୍ସପିୟରଙ୍କ ଫଟୋ ଫଳକରେ ମାଲ୍ୟାର୍ପଣପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଶ୍ରୀ ଦେବତା ସ୍ୱାଗତ ଭାଷଣରେ ଇଂରାଜୀ ସାହିତ୍ୟର ବିଶ୍ୱସ୍ତରୀୟ ମୂଲ୍ୟ, ଲୋକପ୍ରିୟତା, ସହଜ ଉପଲବ୍ଧତା, ବ୍ୟାପକତା, ଅନ୍ତଃରାଷ୍ଟ୍ରୀୟ ଚାହିଦା,



ପୁସ୍ତକ ପଠନ କ୍ରିୟାର ଆବଶ୍ୟକତା ଆଦି ସମ୍ପର୍କରେ ଭାବ ବ୍ୟକ୍ତ କରିଥିଲେ । ବରିଷ୍ଠ ଇଂରାଜୀ ଶିକ୍ଷକ ଅଲେଖ ବିହାରୀ ସାହୁ ଇଂରାଜୀ ଭାଷା ଦିବସ ଓ ବିଶ୍ୱ ପୁସ୍ତକ ଦିବସ ପାଳନର ଉଦ୍ଦେଶ୍ୟ ବିଷୟରେ ଭାବ ପ୍ରକଟ କରିଥଲେ । ଶିକ୍ଷୟିତ୍ରୀ ସୁକନ୍ୟା ମହାପାତ୍ର ଓ ଅନାମିକା ରାନୀ ସଭା କାର୍ଯ୍ୟକ୍ରମ ସଂଯୋଜନାପୂର୍ବକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପାଇଁ ମନୋରଞ୍ଜନଧର୍ମୀ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ । ଶିକ୍ଷକ ପବିତ୍ର ମୋହନ କବି, ପ୍ରେମାନନ୍ଦ ମାହାନା, ଏସ.କେ.ସିରାଜ, ନିତ୍ୟାନନ୍ଦ ସାହୁ ପ୍ରମୁଖ ବିଭାଗୀୟ ଶିକ୍ଷକ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ । ଶେଷରେ ଶିକ୍ଷକ ପଦ୍ମାସନ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜଳେଶ୍ୱରରେ ବହୁପ୍ରତିକ୍ଷକ ଏ.କେ ଅବଦୁଲ କଲାମ ସ୍ମାର୍ଟ ପାର୍କ ଉଦ୍‌ଘାଟିତ

ଜଳେଶ୍ୱର (ନି ପ୍ର )ଜଳେଶ୍ୱର ପୌରପରିଷଦ ର ତିନି ନମ୍ବର ୱାର୍ଡ ରେ ବହୁ ପ୍ରତିକ୍ଷକ ଭାରତ ରତ୍ନ ଏ. କେ ଅବଦୁଲ କଲାମ ଙ୍କ ନାମ ରେ ସ୍ମାର୍ଟ ପାର୍କ ଉଦଘାଟିତ ହୋଇଛି ! ପୌର ପରିଷଦ ର ସ୍ଥାନୀୟ କାଉନସିଲର ସ୍ୱାଗତିକା ପାଳ ଫିତା କାଟି ଉଦଘାଟନ କରିଥିଲେ ! ଅନୁଷ୍ଠିତ ଏକ ସଭା ରେ କାଉନସିଲର ଙ୍କ ପ୍ରତିନିଧି ତଥା ସମାଜସେବୀ ସଂଜୀବ ପାଳ ଙ୍କ ସଭାପତିତ୍ୱ କରିଥିବା ବେଳେ ନଗରପାଳ ପ୍ରତୀପ ପ୍ରଧାନ ଯୋଗ ଦେଇ ଏଭଳି ସ୍ଥାନ ରେ ସ୍ମାର୍ଟ ପାର୍କ ପାଇଁ ମୋର ସ୍ୱପ୍ନ ଥିଲା !ଆମ ଜଳେଶ୍ୱର ସରସ ସୁନ୍ଦର ପାଇଁ ଜନସାଧାରଣ ଙ୍କ ସମର୍ଥନ ପାଇଁ ସେ ଧନ୍ୟବାଦ ଦେଇ କହିଲେ ମାନ୍ୟବର ବିଧାୟକ ଅଶ୍ୱିନୀ ପାତ୍ର ଙ୍କ ସହଯୋଗ ପାଇଁ ଜଳେଶ୍ୱର ସହର କୁ ଆହୁରି ଅନେକ କାର୍ଯ୍ୟ ସରିଛି !ମୋଟଅଣନାବେ ଲକ୍ଷ ଟଙ୍କା ର ଏହି ସ୍ମାର୍ଟ ପାର୍କ ସହର ର ସବୁଠାରୁ ବଡ ପାର୍କ ଭାବେ ସ୍ଥାନୀୟ ଜନସାଧାରଣ ଖୁସି ବ୍ୟକ୍ତ କରିଛନ୍ତି, ! ଉପନଗରପାଳ ପୁଷ୍ପାପ୍ରିୟା କାମିଲା ନଡ଼ିଆ ଭାଙ୍ଗି ଫଳକ ଉଦଘାଟନ କରିଥିଲେ !କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ ସିଂ କହିଲେ ସୁବର୍ଣରେଖା ନଦୀକୂଳ ରେ ଏହି ଯାଗା ଏକ ପରିତ୍ୟକ୍ତ ଖୋଲା ଥିଲା !ତତ୍କାଳୀନ କାର୍ଯ୍ୟନିର୍ବାହୀ ଅଧକାରୀ ଙ୍କ ସମୟ ରେ ନଗରପାଳ ଏବଂ ବିଧାୟକ ଙ୍କ ସହଯୋଗ ରେ ଏଠାରେ ସ୍ମାର୍ଟ ପାର୍କ ହୋଇଛି !ପାର୍କ ର ରକ୍ଷଣ ବେକ୍ଷଣ ପାଇଁ ମାତ୍ର ପାଂଚ ଟଙ୍କା ଏଂଟ୍ରି ଫି ରହିଛି ବୋଲି ଘୋଷଣା ହୋଇଥିଲା !କାଉନସିର କବିତା ଧଳ, ଆବାସ ଅଲ୍ଲୀ, ବିଜୟ କାମିଲା, ଆନନ୍ଦ କର, ଙ୍କ ସମେତ ୱାର୍ଡ ର ବାସିନ୍ଦା ଯୋଗ ଦେଇଥିଲେ !

# ବର ସାଜିଲେ ନୂଆପଡ଼ା ଜିଲାପାଳ ମଧୁସୂଦନ ଦାସ

ନୂଆପଡ଼ା, (ନି.ପ୍ର) ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଲିଙ୍ଗଗତ ସମାନତା ପ୍ରତି ପ୍ରତିବଦ୍ଧତାର ଏକ ଅଗ୍ରଗାମୀ ପଦକ୍ଷେପ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା । ଏହି ପରିପ୍ରେକ୍ଷୀରେ ନୂଆପଡ଼ା ଜିଲାରେ ଭବ୍ୟ ସହକାରେ ସାମୂହିକ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ନିଜେ ଜିଲାପାଳ ବର ସାଜିବା ଆଲୋଚନାର ବିଷୟ ହୋଇଛି । ସ୍ଥାନୀୟ ଆମସେନା ସ୍ଥିତ ଗୁରୁକୁଳ ଆଶ୍ରମ ପ୍ରାଙ୍ଗଣରେ ଆୟୋଜିତ ଏହି ପବିତ୍ର କାର୍ଯ୍ୟକ୍ରମରେ ୧୧ ଯୋଡ଼ା ବରକନ୍ୟା ପାରମ୍ପରିକ ରୀତିନୀତି ଅନୁଯାୟୀ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ । ଜିଲାପ୍ରଶାସନ ଓ ଖଡ଼ିଆଳ ଅଂଚଳର ଯାର ଅନୁଷ୍ଠାନର ମିଳିତ ଆୟୋଜନରେ ସଫଳତାର ସହ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ନୂଆପଡ଼ା ବିଧାୟକ ଜୟ ଢୋଲକିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବଦମ୍ପତିଙ୍କୁ ଆଶୀର୍ବାଦ ଦେଇଥିଲେ । ସେହିପରି ଜିଲାପାଳ ମଧୁସୂଦନ ଦାଶ, ଡିଏଫଓ (ବନ୍ୟପ୍ରାଣୀ) ସମୀର ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲାପାଳ ସୁର୍ମି ସୋରେନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ନୂଆପଡ଼ା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, କୋମନା ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମ୍ଭାର, ଖଡ଼ିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଖରିଆର ରୋଡ଼ ଏନ୍ଏସି ଅଧ୍ୟକ୍ଷା ଡା. ସୋନିଆ ଜୈନ, ଜିଲାପରିଷଦ ଉପାଧ୍ୟକ୍ଷା



ଦୀପିକା ଦୀପ, ଗୁରୁକୁଳ ସଂସ୍ଥାପକ ଧର୍ମାନନ୍ଦ ସରସ୍ୱତୀ, ଯାର ସଙ୍ଗଠନ ମୁଖ୍ୟ ମହେନ୍ଦ୍ର ଯୋଷୀ, ଜିଲାସ୍ତରୀୟ ଅଧିକାରୀ, ସାମ୍ବାଦିକ ଓ ବଦକନ୍ୟାଙ୍କ ଆତ୍ମୀୟ ସ୍ୱଜନମାନେ ଉପସ୍ଥିତ ଥିଲେ । ବିବାହ ସମ୍ପନ୍ନ ପରେ ଯୋଜନା ଅନୁଯାୟୀ ପ୍ରତ୍ୟେକ ଦମ୍ପତିଙ୍କୁ ୪୫ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା । ଏହା ସହ ବିଧାୟକ ଶ୍ରୀ ଢୋଲକିଆ ପ୍ରତ୍ୟେକ ଯୋଡ଼ାଙ୍କୁ ଅତିରିକ୍ତ ୧,୧୦୦ ଟଙ୍କା ସହାୟତା ପ୍ରଦାନ କରିଥିଲେ । ଏହି ଅବସରରେ ଜିଲାପାଳ ଶ୍ରୀ ଦାଶ ନିଜ ୨୫ତମ ବିବାହ ବାର୍ଷିକୀ ପାଳନ କରି ନିଜେ ବର ସାଜିଥିବା ବେଳେ ସାଙ୍ଗରେ ଥିଲେ ପତ୍ନୀ । ସେଠାରେ ଉଭୟେ ପୂଜାର୍ଚ୍ଚନା କରିଥିଲେ । ପଣ୍ଡିତଙ୍କ ଉପସ୍ଥିତିରେ ବିଭିନ୍ନ ମନ୍ତ୍ର ପାଠ କରିଥିଲେ । ବିଭିନ୍ନ ଶ୍ଳୋକରେ ହୋମ ଯଜ୍ଞ ହୋଇଥିଲା । ଏଭଳି ଏକ ଉତ୍ସବରେ ନିଜେ ପତ୍ନୀଙ୍କ ସହ ବରକନ୍ୟା ବେଶରେ ନବଦମ୍ପତିଙ୍କୁ ପ୍ରେରଣା ଦେଇ ସୁଖମୟ ଦାମ୍ପତ୍ୟ ଜୀବନ ପାଇଁ ଶୁଭେଚ୍ଛା ଜଣାଇଥିଲେ । ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା କେବଳ ଆର୍ଥିକ ସହାୟତା ନୁହେଁ, ଏହା ସାମାଜିକ ସୁରକ୍ଷା ଓ ମହିଳା ସଶକ୍ତିକରଣ ଦିଗରେ ରାଜ୍ୟ ସରକାରଙ୍କ ଏକ ଐତିହାସିକ ପଦକ୍ଷେପ ବୋଲି ମତପ୍ରକାଶ ପାଇଛି ।

# ସମସେର ପଦର ଗାଁରେ ପାନୀୟ ଜଳ ସଙ୍କଟ

ନୂଆପଡ଼ା, (ନି.ପ୍ର) ( ମୋହନ ଲାଲ ଦୀପ)- ଖଡ଼ିଆଳ ବ୍ଲକ ଡୁଆଝର ଗ୍ରାମ ପଂଚାୟତର ସମସେର ପଦର ବା ଭିମ ଭିମାଖୋଲ ଗାଁ । ଗାଁରେ ପ୍ରାୟ ଦୁଇ ଶହ ପରିବାରର ପନ୍ଦର ଶହ ଲୋକ ରହନ୍ତି । ଗାଁ ରେ ଏବେ ପିଇବା ପାଣିର ଘୋର ସମସ୍ୟା । ଗ୍ରାମକୁ ଦେଢ଼ ଦଢ଼ ବର୍ଷ ତଳେ ବସୁଧା ଯୋଜନାରେ ପାଇପ ଯୋଗେ ପାନୀୟ ଜଳର ବ୍ୟବସ୍ଥା କର ଯାଇଥିଲା । କିନ୍ତୁ ସବୁଦିନ ପାଣି ମିଳୁ ନଥିଲା । ଏବେ ଛଅ ମାସ ହେଲା ପାଇପରୁ ପାଣି ଆସିବା ବନ୍ଦ ହୋଇ ଯାଇଛି । ଫଳରେ ଲୋକେ ପାଣି ମୁନ୍ଦିଏ ପାଇଁ ନାହିଁ ନଥିବାର ଦୁଃଖ ଭୋଗ କରୁଛନ୍ତି । ଗାଁ ରେ ତିନି ଟି ନଳକୂପ ଥିବା ବେଳେ ଗୋଟିଏ ନଳକୂପରୁ ପାଣି ବାହାରୁଛି ତାହା ମଧ୍ୟ ଫ୍ଲୋରାଇଡ ଯୁକ୍ତ । ଗ୍ରାମବାସୀଙ୍କ ଶୋଷ ମେଂଟାଇବାକୁ ଅକ୍ଷମ । ଏବେ ଖରା ମାସ ସ ହେବାରୁ ଭୂମିତଳ ପାଣି ଶୁଖି ଯିବାରୁ ଠିକ୍ ହିସାବ ରେ ପାଣି ଆସୁନି । ମହିଳା ମାନେ ଦିନ ସାରା ଖରାରେ ପାନି ଗୋଟିଏ ବାଲଟି ପାଇଁ ଅ ଅପେକ୍ଷା କ କରି ରହୁଛନ୍ତି । ଏନେଇ ବାରମ୍ବାର ପ୍ର ଶାସନି କ ଅଧିକାରୀଙ୍କୁ ଜଣାଇଲେ ଲ ମଧ୍ୟ କେହି ଶୁଣୁ ନଥିବା ଅଭିଯୋଗ ହେଉଛି । ଶୀଘ୍ର ପାନୀୟ ଜଳର ଅଭାବ ଦୂର ନକଲେ ବ୍ଲକ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି ଗ୍ରାମବାସୀ । ଏନେଇ ଖଡ଼ିଆଳ ବିଡ଼ିଓ ଙ୍କୁ ପଚାରିବାରୁ ବିଭାଗୀୟ ଯନ୍ତ୍ରୀଙ୍କୁ ଗାଁକୁ ପଠାଇବେ ଓ ଶୀଘ୍ର ପାନୀୟ ଜଳର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି ।

# ଏନ୍‌ଡିଏମ୍ ଓ ଓସ୍‌ଡମା ତରଫରୁ ସ୍କାଉଟସ୍ ଏବଂ ଗାଇଡସ୍ ମାନଙ୍କୁ ଯୁବା ଆପଦ ମିତ୍ର ତାଲିମ ପ୍ରଦାନ

ଭୁବନେଶ୍ୱର: ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ରାଜ୍ୟ ମୁଖ୍ୟ କମିଶନର ଡଃ. କାଳିପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଖୋର୍ଦ୍ଧା ଜିଲ୍ଲାର ରୋଭର ଓ ରେଞ୍ଜରମାନଙ୍କୁ ନେଇ ଏକ ଯୁବା ଆପଦ ମିତ୍ର ତାଲିମ ଶିବିର ତା ୧୯.୦୪.୨୦୨୬ ରିଖ ଠାରୁ ୨୫.୦୪.୨୦୨୬ ରିଖ ପର୍ଯ୍ୟନ୍ତ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ରାଜ୍ୟ ମୁଖ୍ୟାଳୟ ପରିସରରେ ଅନୁଷ୍ଠିତ ହେଉଅଛି । ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରୁ ୫୦ ଜଣ ରୋଭର ଓ ରେଞ୍ଜର ଏହି ତାଲିମ ଶିବିରରେ ଯୋଗଦେଇଛନ୍ତି । ଏହି ଶିବିରକୁ ଓସଡମାର ଜେନେରାଲ ମ୍ୟାନେଜର ଶ୍ରୀ ସୁନିଲ୍ କୁମାର ସାହୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିବା ବେଳେ ଶ୍ରୀ ବାଇଧର ପ୍ରଧାନ ଓ ଶ୍ରୀ ଗଣେଶ ବାରିକଙ୍କ ନେତୃତ୍ୱରେ ତାଲିମ ପ୍ରାପ୍ତ ଉପଦେଷ୍ଟା ମାନେ ଆସି ଶିକ୍ଷାଦାନ କରୁଛନ୍ତି ।

# ମେ’ ୧୫ରୁ ସିବିଏସଇ ଦଶମ ଶ୍ରେଣୀ ଦ୍ୱିତୀୟ ବୋର୍ଡ଼ ପରୀକ୍ଷା



ଭୁବନେଶ୍ୱର: ପ୍ରକାଶ ପାଇଲା ସିବିଏସଇ ଦଶମ ଶ୍ରେଣୀ ଦ୍ୱିତୀୟ ବୋର୍ଡ଼ ପରୀକ୍ଷା ତାରିଖ । ମେ’ ୧୫ରୁ ୨୧ ତାରିଖ ଯାଏଁ ଚାଲିବ ପରୀକ୍ଷା । ସକାଳ ୧୦ଟା ୩୦ରୁ ୧ଟା ୩୦ ଯାଏଁ ଚାଲିବ ପରୀକ୍ଷା । ଚଳିତ ବର୍ଷ ପ୍ରଥମ ଥର ସିବିଏସଇ ପକ୍ଷରୁ ଦ୍ୱିତୀୟ ବୋର୍ଡ଼ ପରୀକ୍ଷା ନିଷ୍ପତି ନିଆଯାଇଛି । ଏହା ପୂର୍ବରୁ ବୋର୍ଡ ପ୍ରଥମ ପରୀକ୍ଷା ଶେଷ ହେଇଯାଇଛି । ଯାହାର ଫଳାଫଳ ମଧ ପ୍ରକାଶ ପାଇ ସାରିଛ । ଚଳିତ ବର୍ଷ ଅନେକ ଭଲ ରେଜଲ୍ଟ କରିଛନ୍ତି ଛାତ୍ରଛାତ୍ରୀ । ଜାତୀୟ ଶିକ୍ଷା ନୀତିର ସୁପାରିଶ ଅନୁସାରେ, ଏହିବର୍ଷ ସିବିଏସଇ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ନୂଆ ପରୀକ୍ଷା ପ୍ରଣାଳୀ ଆରମ୍ଭ କରିଛି । ଏହା ଅନୁସାରେ, ପିଲାମାନେ ବର୍ଷକୁ ଦୁଇଥର ବୋର୍ଡ ପରୀକ୍ଷା ଦେବେ । ପ୍ରଥମ ପରୀକ୍ଷା ଫେବୃଆରୀ-ମାର୍ଚ୍ଚ ମାସରେ ହୋଇଥିବାବେଳେ, ଦ୍ୱିତୀୟ ପରୀକ୍ଷା ମେ ମାସରେ ହେବାକୁ ନିର୍ଦ୍ଧାରିତ ହୋଇଛି ।

# ଜନଗଣନା କର୍ମଚାରଙ୍କ ପାଇଁ ଏସଓପି ଜାରି, ପରିଚୟପତ୍ର ପିନ୍ଧିବା ବାଧ୍ୟତାମୂଳକ

ଭୁବନେଶ୍ୱର : ଜନଗଣନା କାର୍ଯ୍ୟରେ ନିୟୋଜିତ ଅଧିକାରୀ ଏବଂ କର୍ମଚାରୀମାନଙ୍କ ପାଇଁ ଏସଓପି ଜାରି । ନିୟୋଜିତ କର୍ମଚାରୀମାନଙ୍କ ସୁରକ୍ଷା ଏବଂ ନିରାପତା ପାଇଁ ପଦକ୍ଷେପ ନିଆଯାଇଛି । ରାଜ୍ୟ ସରକାର ତଥା ରାଜସ୍ୱ ବିଭାଗ ପକ୍ଷରୁ ଏହି ଏସଓପି ଜାରି କରାଯାଇଛି କ୍ଷ ଏଥିରେ ସର୍ବମୋଟ ୮ଟି ଗୁରୁତ୍ୱପୂର୍ଣ୍ଣ ନିୟମାବଳୀ ସ୍ଥାନ ପାଇଛି । ଯେପିରିକି, ଜନଗଣନା ଅଧିକାରୀ ଏବଂ ସୁପରଭାଇଜର ସର୍ବଦା ସେମାନଙ୍କର ସରକାରୀ ପରିଚୟପତ୍ର ପିନ୍ଧିବା ଆବଶ୍ୟକ ରହିଛି । ଫିଲ୍ଡ କାର୍ଯ୍ୟ ସମୟରେ ସେମାନେ ସେମାନଙ୍କର ନିଯୁକ୍ତିପତ୍ର ମଧ ନେବାକୁ ବାଧ୍ୟତାମୂଳକ କରାଯାଇଛି । ନିର୍ଦ୍ଦିଷ୍ଟ କ୍ଷେତ୍ର ପରିଦର୍ଶନ ସମୟ ପାଳନ କରିବା ସହ ଖରା ସମୟ ସକାଳ ୧୧ଟାରୁ ଅପରାହ୍ନ ୩ଟା କାମ କରିବାକୁ ବାରଣ କରାଯାଇଛି । ଫିଲ୍ଡକୁ ଯିବା ସମୟରେ ଆବଶ୍ୟକୀୟ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି । ଅନ୍ୟପଟେ ବିଚ୍ଛିନ୍ନ କିମ୍ବା ସମ୍ବେଦନଶୀଳ ଅଂଚଳରେ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ E&S ଯୋଡ଼ିରେ କାମ କରିପାରିବେ । ଯଦି କୌଣସି ବିପଦର ଆଶଙ୍କା କରୁଥାନ୍ତି ତେବେ ତୁରନ୍ତ ନିଜ କାର୍ଯ୍ୟରୁ ଦୂରେଇ ରହିବା ସହ ସେମାନେ ନିର୍ଦ୍ଦିଷ୍ଟ ଘର/ସ୍ଥାନକୁ ଛାଡିପାରିବେ । ପରର୍ବୀ ସମୟରେ ସୁରକ୍ଷା ସହିତ ପରିଦର୍ଶନ କରିପାରିବେ । ଏପରି ଘଟଣାଗୁଡ଼ିକ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ତୁରନ୍ତ ରିପୋର୍ଟ କରାଯିବାକୁ ଏସଓପିରେ କୁହାଯାଇଛି । ଚିହ୍ନିତ ସମ୍ବେଦନଶୀଳ ଅଂଚଳରେ, ଜଣେ ପୋଲିସ କର୍ମଚାରୀ E & S ସହିତ ଯାଇପାରିବେ । ଯଦି କୌଣସି ବ୍ୟକ୍ତି ଜନଗଣନା କାର୍ଯ୍ୟକର୍ତାମାନଙ୍କୁ ସେମାନଙ୍କର କର୍ତବ୍ୟ ପାଳନ କରିବାରେ ବାଧା ଦିଅନ୍ତି ତେବେ ସେମାନଙ୍କ ବିରୁଦ୍ଧରେ ୧୯୪୮ମସିହାର ଜନଗଣନା ଆଇନ ଅନୁଯାୟୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।








# ୪,୬୨୩ ଜଣ ନବନିଯୁକ୍ତ ପ୍ରତିଭାବାନ ଯୁବକଯୁବତୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର : ଆୟୋଜିତ ନିଯୁକ୍ତି ମେଳାରେ ୭ଟି ବିଭାଗର ୪,୬୨୩ ଜଣ ନବନିଯୁକ୍ତ ପ୍ରତିଭାବାନ ଯୁବକଯୁବତୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କଲି । ଆମ ସରକାର ଗଠନ ହେବାର ମାତ୍ର ୨୨ ମାସ ମଧ୍ୟରେ ଏପର୍ଯ୍ୟନ୍ତ ୪୪,୦୦୦ ରୁ ଉର୍ଦ୍ଧ୍ୱ ସରକାରୀ ଚାକିରି ପ୍ରଦାନ କରାଯାଇଛି, ଯାହା ନିଯୁକ୍ତି କ୍ଷେତ୍ରରେ ଆମର ଦୃଢ଼ ସଂକଳ୍ପକୁ ପ୍ରମାଣିତ କରୁଛି । ବିଶେଷ କରି ଶିକ୍ଷା ବ୍ୟବସ୍ଥାରେ ଗୁଣାତ୍ମକ ପରିବର୍ତନ ଆଣିବା ପାଇଁ ଆଜି ୪,୧୧୩ ଜଣ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି । ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ମାର୍ଗଦର୍ଶନରେ ’କଥା ଦେଇ କଥା ରଖୁଥିବା’ ଏହି ଲୋକଙ୍କ ସରକାର ନିଯୁକ୍ତି ପ୍ରଦାନ ପାଇଁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବା ସହ ନିଯୁକ୍ତି ସୁଯୋଗ ସୃଷ୍ଟିକୁ ସର୍ବୋଚ୍ଚ ପ୍ରାଧାନ୍ୟ ଦେଉଛନ୍ତି । ସମ୍ପୂର୍ଣ ସ୍ୱଚ୍ଛତା ଓ ମେଧା ଆଧାରରେ ଆଜି ଆପଣଙ୍କୁ ରାଜ୍ୟର ସେବାରେ ଭାଗୀଦାରୀ ହେବାର ଏହି ସୁବର୍ଣ୍ଣ ସୁଯୋଗ ମିଳିଛି । ଆପଣମାନେ ହେଉଛନ୍ତି ’ସମୃଦ୍ଧ ଓଡ଼ିଶା’ ରଥର ସାରଥ ଏବଂ ଆମ ଶାସନ ବ୍ୟବସ୍ଥାରେ ଜନସାଧାରଣଙ୍କ ସେବା ଓ ସଶକ୍ତୁ ବିଶ୍ୱାସର ମୁଖ୍ୟ ସ୍ତମ୍ଭ । ମନେରଖନ୍ତୁ, ଆପଣଙ୍କ ପ୍ରତିଟି ନିଷ୍ପତା ଓ କାର୍ଯ୍ୟଶୈଳୀ ଉପରେ ହିଁ ରାଜ୍ୟର ଭବିଷ୍ୟତ ନିର୍ଭର କରେ । ମୋର ଦୃଢ଼ ବିଶ୍ୱାସ, ଆପଣମାନେ ଦୁର୍ନୀତି ବିରୁଦ୍ଧରେ ଶୂନ୍ୟ ସହନଶୀଳତା, ସମୟାନୁବର୍ତ୍ତିତା ଓ ପରିବର୍ତନର ଦୃଢ଼ ମନୋଭାବକୁ ପାଥେୟ କରି ତୃଣମୂଳ ସ୍ତରରେ ପ୍ରତିଟି ଓଡ଼ିଆଙ୍କ ଆସ୍ଥାଭାଜନ ହେବେ । ଆଜିର ଏହି ନିଯୁକ୍ତି ଆପଣମାନଙ୍କ ପାଇଁ କେବଳ ଜୀବିକାର ଏକ ମାଧ୍ୟମ ନହୋଇ ଇ ଓଡ଼ିଶାକୁ ବିକାଶର ନୂତନ ଶିଖରକୁ ନେବା ପାଇଁ ଏକ ମହାନ୍ ସଂକଳ୍ପ ହେଉ । ଆପଣଙ୍କ ସମର୍ପିତ ସେବା ଓ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ହିଁ ଏକ ସମୃଦ୍ଧ ଓଡ଼ିଶା ଗଠନର ସଂକଳ୍ପ ସାକାର ହେବ ।

# ବିଦ୍ୟୁତ୍ ବିତରଣ କମ୍ପାନୀମାନଙ୍କ ୨୯ତମ ବୋର୍ଡ ବୈଠକରେ ଅଧ୍ୟକ୍ଷତା କଲେ ମୁଖ୍ୟ ସଚିବ

ଭୁବନେଶ୍ୱର : ଓଡିଶାର ବିଭିନ୍ନ ଅଂଚଳରେ ବିଦ୍ୟୁତ୍ ଯୋଗାଣ କରୁଥିବା ବିଦ୍ୟୁତ ଶକ୍ତି ବିତରଣ କମ୍ପାନୀ (ଡିସ୍କମ୍) ମାନଙ୍କର ୨୯ ତମ ବୋର୍ଡ ବୈଠକ ଓଡ଼ିଶା ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଙ୍କ ଅଧ୍ୟକ୍ଷତାରେ ପୃଥକ୍ ପୃଥକ୍ ଭାବେ ଅନୁଷ୍ଠିତ ହୋଇଯାଇଛି । ଏପ୍ରିଲ ୨୨ ତାରିଖରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକଗୁଡ଼ିକରେ ବିଭିନ୍ନ ଡିସ୍କମ୍ ମାନଙ୍କ କାର୍ଯ୍ୟଦକ୍ଷତା,ପରିଚାଳନା ଏବଂ ଆଗାମୀ ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ଟାଟା ପାୱାର ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏନଓଡିଏଲ), ଟିପି ସଦର୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସଓଡିଏଲ), ଟିପି ସେଂଟ୍ରାଲ୍ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ) ଏବଂ ଟିପି ୱେଷ୍ଟର୍ସ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ) ମାନଙ୍କର ସ୍ୱତନ୍ତ୍ର ଭାବେ ଅନୁଷ୍ଠିତ ବୈଠକରେ ବୋର୍ଡର ସଦସ୍ୟ ସଦସ୍ୟାମାନେ ଯୋଗଦେଇଥିଲେ । ସାରା ରାଜ୍ୟରେ ଦକ୍ଷ ଏବଂ ଅବିରତ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା ପାଇଁ ବିଦ୍ୟୁତ୍ ଯୋଗାଣର ନିର୍ଭରଯୋଗ୍ୟତା, ବିଦ୍ୟୁତ୍ ସଂଚରଣରେ କ୍ଷୟକ୍ଷତି କମାଇବା, ଗ୍ରାହକମାନଙ୍କୁ ସେବା ପ୍ରଦାନ ଏବଂ



ଭିତିଭୂମି ଉନ୍ନୟନ ପରି ପ୍ରମୁଖ ବିଷୟଗୁଡିକ ଉପରେ ବୈଠକରେ ଆଲୋଚନା କରାଯାଇଥିଲା । ବୈଠକରେ ରାଜ୍ୟରେ ପିଏମ୍ ସୂର୍ଯ୍ୟ ଘର : ମୁକ୍ତ ବିଜୁଳି ଯୋଜନା (ପିଏମ୍-ଏସଜି-ଏମବିୱାଇ) କାର୍ଯ୍ୟକାରିତା ନେଇ ଆଲୋଚନା ହୋଇଥିଲା । ଓଡିଶାରେ ଏହି ଯୋଜନା ନଭେମ୍ବର ୨୦୨୫ ରେ ଆରମ୍ଭ ହୋଇଥିବାବେଳେ, ୧ କିଲୋୱାଟ୍ ସଂଯୁକ୍ତ ଲୋଡ୍ ଥିବା ଘରୋଇ ଉପଭୋକ୍ତା କେବଳ ୧୧,୮୭୫ ଅନୁଦାନ ଅଂଶରେ ଅଧିକ ସବସିଡି ଥିବା ଏହି ସ୍କିମରେ ରୁଫଟପ୍ ସୋଲାର ବ୍ୟବସ୍ଥା ସ୍ଥାପନ କରିବାକୁ ସମର୍ଥ ହେଉଛନ୍ତି । ଏହି ସୋଲାର ଶକ୍ତି ଯୋଜନାରେ ବିଦ୍ୟୁତ୍ ବିତରଣ କମ୍ପାନୀ ଅନେକ ଘରୋଇ କିମ୍ବା ଛୋଟ ଉପଭୋକ୍ତାଙ୍କୁ ଏକସାଥିରେ ଯୋଡ଼ି ରୁଫଟପ୍ ସୋଲାର ସିଷ୍ଟମ୍ ସ୍ଥାପନ କରନ୍ତି, ଯଦ୍ୱାରା ଉପଭୋକ୍ତା ସହଜରେ, ତ୍ୱରିତ ବ୍ୟବସ୍ଥା ସହ କମ୍ ଖର୍ଚ୍ଚରେ ସୋଲାର ବିଦ୍ୟୁତ୍ ରୁ ଲାଭ ଉଠାଇବାର ସୁବିଧା ନେଇପାରିବେ ପିଏମ୍-ଏସଜି-ଏମବିୱାଇ ଅଧୀନରେ ଅଦ୍ୟାବଧି ରାଜ୍ୟରେ ୫୫,୮୮୮, ଯୁଏଲଏ ଯୋଜନା ଅଧୀନରେ ଅତିରିକ୍ତ ୨୯,୦୦୦ ଏହିପରି ସମୁଦାୟ ୮୪,୮୮୮ ରୁଫଟପ୍ ସୋଲାର ସିଷ୍ଟମ ସ୍ଥାପିତ ହୋଇସାରିଛି । ଓଡିଶାରେ ରୁଫଟପ୍ ସୋଲାର ଅଧୀନରେ ୩ ଲକ୍ଷ ପରିବାରକୁ ଆଣିବା ପାଇଁ ଏକ ଆକାଂକ୍ଷୀ ଲକ୍ଷ୍ୟ ନିର୍ଦ୍ଧାରିତ ହୋଇଛି । ବର୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ରୁଫ୍ ଟପ ସୋଲାର ସିଷ୍ଟମ ସ୍ଥାପନର ଅଗ୍ରଗତିରେ ନିରନ୍ତରତା ରହିଥିତବା ବେଳେ ଏହାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଆଗାମୀ ପର୍ଯ୍ୟାୟରେ ପ୍ରତି ମାସରେ ୨୫,୦୦୦ ରୁଫ୍ ଟପ ସୋଲାର ସିଷ୍ଟମ ସ୍ଥାପନ କରିବା ପାଇଁ କର୍ତ୍ତୃପକ୍ଷ ଏବେ ପଦକ୍ଷେପ ନେଉଛନ୍ତି । ବିଦ୍ୟୁତ୍ ବିତରଣ କମ୍ପାନୀମାନଙ୍କର ଦୃଢ ପରିଚାଳନାତ୍ମକ କାର୍ଯ୍ୟଦକ୍ଷତାର ଫଳସ୍ୱରୂପ ସାମଗ୍ରିକ ବୈଷୟିକ ଏବଂ ବ୍ୟବସାୟିକ କ୍ଷୟକ୍ଷତି ୨୦୧୯-୨୦ ଆର୍ଥିକ ବର୍ଷର ୨୯.୫% ରୁ ୨୦୨୫-୨୬ ଆର୍ଥିକ ବର୍ଷରେ ୧୪.୬% କୁ ଗୁରୁତ୍ୱପୂର୍ଣ୍ଣଭାବେ ହ୍ରାସ ପାଇଛି । ଟିପିଏନଓଡିଏଲ ଅଣ-ସହରାଂଚଳ ବିତରଣ ୟୁଟିଲିଟି ରାଙ୍କିରେ ୨ୟ ସ୍ଥାନ ଓ ଟିପିସିଓଡିଏଲ ୪ର୍ଥ ସ୍ଥାନ ଅଧିକାର କରିଛନ୍ତି । ଗତ ପା୍ ବର୍ଷ ଧରି ସାଧାରଣ ଲୋକମାନଙ୍କ ବିଦ୍ୟୁତ ସେବା ଶୁଳ୍କରେ କୌଣସି ବୃଦ୍ଧି ହୋଇନାହିଁ । ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ସମସ୍ତ ଡିସକମ୍ ମାନଙ୍କର କାର୍ଯ୍ୟଦକ୍ଷତା ସମୀକ୍ଷା କରି ବିଦ୍ୟୁତ୍ ଯୋଗାଣ ସମ୍ବନ୍ଧୀୟ ସାଧାରଣ ଲୋକଙ୍କ ଅଭିଯୋଗର ତ୍ୱରିତ ଏବଂ ପ୍ରଭାବୀ ସମାଧାନ ପାଇଁ ଗୁରୁତ୍ୱାରୋପ କରିଥିଲେ ।

# ଗ୍ରୀଷ୍ମ ଋତୁରେ ଅତିରିକ୍ତ ଟ୍ରେନ୍ ଚଳାଚଳର ସମୀକ୍ଷା କଲେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ

ନୂଆଦିଲ୍ଲୀ : କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ନୂଆଦିଲ୍ଲୀରେ ଅଧିକାରୀମାନଙ୍କ ସହ ଏକ ବୈଠକରେ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ ଚଳାଚଳର ସମୀକ୍ଷା କରିଛନ୍ତି । ଭାରତୀୟ ରେଳବାଇ ଯାତ୍ରୀ ପରିବହନକୁ ସହଜ କରୁଛି, ଏବଂ ଅଧିକ ଚାହିଦା ଥିବା ମାର୍ଗ ଏବଂ କରିଡରରେ ସ୍ୱତନ୍ତ୍ର ଟ୍ରେନଗୁଡ଼ିକର ବ୍ୟାପକ ମୁତୟନ ମାଧ୍ୟମରେ ଯାତ୍ରା ସୁବିଧାରେ ଉନ୍ନତି ଆଣୁଛି । ଗ୍ରୀଷ୍ମ ଯାତ୍ରାର ପିକ୍ ସମୟରେ (୧୫ ଏପ୍ରିଲ ରୁ ୧୫ ଜୁଲାଇ ୨୦୨୬), ରେଳବାଇ ସଂଯୋଗ ବୃଦ୍ଧି ଏବଂ ଭିଡ଼ ହ୍ରାସ କରିବା ପାଇଁ ୧୮,୨୬୨ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ୍ ଚଳାଇବାକୁ ଯୋଜନା କରୁଛି । ଆଜି ପର୍ଯ୍ୟନ୍ତ, ୧୧,୮୭୮ଟି ଟ୍ରେନ୍ ଯାତ୍ରା ପାଇଁ ବିଜ୍ଞପ୍ତି ଜାରି କରାଯାଇଛି ଏବଂ ଯାତ୍ରୀମାନଙ୍କ ସୁବିଧା ପାଇଁ ଅବଶିଷ୍ଟ ଟ୍ରେନଗୁଡ଼ିକ ପାଇଁ ମଧ ବିଜ୍ଞପ୍ତି ଜାରି କରାଯିବ । ଏହି ବୃହତ ନିୟୋଜନ ସୁନିୟୋଜିତ ଦୃଷ୍ଟିକୋଣକୁ ଦର୍ଶାଇଥାଏ । ଉନ୍ନତ ରେକ୍ ଉପଲବ୍ଧତା, ଆବଶ୍ୟକ କାର୍ଯ୍ୟସୂଚୀ ଏବଂ ନିରନ୍ତର ମନିଟରିଂ ଦ୍ୱାରା ସମର୍ଥିତ



କରିଥାଏ । ନୂଆଦିଲ୍ଲୀ, ମୁମ୍ବାଇ (ଏଲଟିଟି, ସିଏସଏମଟି, ପୁଣେ ସମେତ), ସୁରଟ (ଉଧନା ସମେତ), ଅମଦବାଦ, ବାଙ୍ଗାଲୋର ଆଦି ଷ୍ଟେସନ ଅଂଚଳରେ ଯାତ୍ରୀଙ୍କ ସୁଗମ ଯାତାୟାତ ସୁନିଶ୍ଚିତ କରିବା ପାଇଁ ସମସ୍ତ ପ୍ରୟାସ କରାଯାଉଛି । ଏହି ପ୍ରୟାସର ଅଂଶବିଶେଷ ସ୍ୱରୂପ, ଉଧନା ଷ୍ଟେସନରେ ପର୍ଶ୍ଚିମ ରେଳବାଇର ସକ୍ରିୟ ପଦକ୍ଷେପ ଯଥା-ବାସ୍ତବ ସମୟର ଭିଡ଼ ପରିଚାଳନା, ବର୍ଦ୍ଧିତ ଗ୍ରାଉଣ୍ଡ ସହାୟତା ଏବଂ ଦକ୍ଷ ଟ୍ରେନ୍ ପରିଚାଳନା ମାଧ୍ୟମରେ ଏହା ପ୍ରତିଫଳିତ ହେଉଛି ଯେ ଯାତ୍ରୀମାନଙ୍କ ପାଇଁ ଏକ ନିରାପଦ, ସୁବିଧାଜନକ ଏବଂ ବାଧାମୁକ୍ତ ଯାତ୍ରା ଅନୁଭୂତି ପ୍ରଦାନ କରିବା ପାଇଁ କ୍ଷେତ୍ର ସ୍ତରୀୟ ପଦକ୍ଷେପ କିପରି ଜାତୀୟ ପ୍ରୟାସକୁ ଫଳପ୍ରଦ ଭାବରେ ପରିପୂରକ କରୁଛି । ଏକ ସହଜ ବୋର୍ଡିଂ ପ୍ରକ୍ରିୟାକୁ ସୁଗମ କରିବା ପାଇଁ ଉନ୍ନତ ଗ୍ରାଉଣ୍ଡ ବ୍ୟବସ୍ଥା ସହିତ ନିଜ ସହରକୁ ଯାତ୍ରା କରୁଥିବା ଯାତ୍ରୀଙ୍କ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଥିଲା । ଏହି ପ୍ରୟାସର ଅନୁରୂପ, ଷ୍ଟେସନରେ ଉନ୍ନତ ଏବଂ ସୁସଂଗଠିତ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଥିଲା ଯାହା ଦ୍ୱାରା ଯାତ୍ରୀମାନେ ନିଜ ସହରକୁ ଯାତ୍ରା କରିପାରିବେ । ଟ୍ରେନ୍ ନମ୍ବର ୧୯୦୪୫ ଉଧନା-ଥାଭେ ତାପ୍ତି ଗଙ୍ଗା ଏକ୍ସପ୍ରେସ୍ ରେ, ଆର. ପି. ଏଫ୍. କର୍ମଚାରୀମାନେ ଯାତ୍ରୀମାନଙ୍କୁ ନିରାପଦ ଏବଂ ଶୃଙ୍ଖଳିତ ଭାବରେ ରେଳରେ ଚଢିବାରେ ସାହାଯ୍ୟ କରିଥିଲେ, ଭିଡ଼ ନିୟନ୍ତ୍ରଣ ବଜାୟ ରଖିବା ଏବଂ ଏକ ସହଜ ଯାତ୍ରା ଅନୁଭୂତି ସୁନିଶ୍ଚିତ କରିବା ପାଇଁ ସମଗ୍ର ବୋର୍ଡିଂ ଏବଂ ସିଟ୍ ପ୍ରକ୍ରିୟା ବ୍ୟବସ୍ଥିତ ଭାବରେ ପରିଚାଳିତ ହୋଇଥିଲା । ସକ୍ରିୟ ଯୋଜନା ଏବଂ ପ୍ରତିକ୍ରିୟାଶୀଳ ପରିଚାଳନା ମାଧ୍ୟମରେ ବ୍ୟସ୍ତବହୁଳ ଯାତ୍ରା ସମୟରେ ଯାତ୍ରୀଙ୍କ ନିରବଚ୍ଛିନ୍ନ ଗମନାଗମନ ସୁନିଶ୍ଚିତ କରିବା ପାଇଁ ଭାରତୀୟ ରେଳବାଇ ପ୍ରତିଶ୍ରୁତିବଦ୍ଧ । ଏହି ପ୍ରୟାସଗୁଡ଼ିକ ସେବା ପ୍ରଦାନରେ ଉନ୍ନତି ଆଣିବା ଏବଂ ଗ୍ରୀଷ୍ମର ଭିଡ଼ ସମୟରେ ସୁଗମ, ନିରାପଦ ଏବଂ ବାଧାମୁକ୍ତ ଯାତ୍ରା ସୁନିଶ୍ଚିତ କରିବାରେ ଲକ୍ଷ୍ୟବଦ୍ଧ ହସ୍ତକ୍ଷେପର ପ୍ରଭାବକୁ ଦର୍ଶାଇଥାଏ ।

# ୬ ମାସ ଭିତରେ କାର୍ଯ୍ୟକାରୀ ହେବ ଓଡ଼ିଶା ସିଟି ଗ୍ୟାସ୍ ବିତରଣ ନୀତି : ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର

ଭୁବନେଶ୍ୱର: ଭୁବନେଶ୍ୱର ସହରାଂଚଳରେ ଗ୍ୟାସ୍ ବିତରଣ ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରିବାକୁ ସରକାର ଅଂଟା ଭିଡ଼ିଛନ୍ତି । ଏଥିପାଇଁ ସିଟି ଗ୍ୟାସ୍ ବିତରଣ ନୀତିକୁ କ୍ୟାବିନେଟ୍ ମଞ୍ଜୁରି ମିଳିଛି । ଏହି ନୀତି ଦ୍ୱାରା ରାଜ୍ୟରେ ପାଇପ୍‌ଡ୍ ନାଚୁରାଲ୍ ଗ୍ୟାସ୍ (ପିଏନ୍‌ଜି) ଓ କମ୍ପ୍ରେସ୍‌ଡ ନାଚୁରାଲ୍ ଗ୍ୟାସ୍ (ସିଏନ୍‌ଜି) ଭିତିଭୂମିର ସମ୍ପ୍ରସାରଣ ତ୍ୱରାନ୍ୱିତ ହେବ । ସିଟି ଗ୍ୟାସ୍ ବିତରଣ ପ୍ରକଳ୍ପଗୁଡ଼ିକ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ ହୋଇପାରିବ । ୬ ମାସ ଭିତରେ କାର୍ଯ୍ୟକାରୀ ହେବ ଓଡ଼ିଶା ସିଟି ଗ୍ୟାସ୍ ବିତରଣ ନୀତି । ଏନେଇ ସୂଚନା ଦେଲେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । କାଲି କ୍ୟାବିନେଟ ମଞ୍ଜୁରୀ ପରେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଲକ୍ଷ୍ୟ ରଖାଯାଇଛି ଯେ ୬ ମାସ ଭିତରେ ସିଟି ଗ୍ୟାସ୍ ବିତରଣ ନୀତି କାର୍ଯ୍ୟକାରୀ ହେବ । ସହରରେ ଚଘଏ, CNG ବ୍ୟବସ୍ଥା ହେବ । ଉଘଏ ଗାଡ଼ିକୁ ପ୍ରୋତ୍ସାହନ ମିଳିବ



ବୋଲି କହିଛନ୍ତି ଯୋଗାଣ ମନ୍ତ୍ରୀ । ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବସିଥିବା ୩୯ତମ କ୍ୟାବିନେଟ୍ ବୈଠକରେ ୮ଟି ବିଭାଗର ୮ଟି ପ୍ରସ୍ତାବ ପାରିତ ହୋଇଥିଲା । ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କ୍ୟାବିନେଟ୍ ନିଷ୍ପତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ । ପୂର୍ବରୁ ସିଟି ଗ୍ୟାସ୍ ବିତରଣ ପ୍ରକଳ୍ପଗୁଡ଼ିକ ଅହେତୁକ ବିଳମ୍ବ ହେଉଥିଲା । ବିଭିନ୍ନ ସଂସ୍ଥାଠାରୁ ଅନୁମତି ପାଇବାରେ ବିଳମ୍ବ ଏବଂ ଏକ ସମନ୍ୱିତ ନୀତିର ଅଭାବ ହିଁ ପ୍ରକଳ୍ପ କାର୍ଯ୍ୟକାରିତାରେ ବାଧକ ଥିଲା । ନୂଆ ନୀତି ଏହି ପ୍ରକ୍ରିୟାକୁ ସରଳୀକୃତ କରିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି । ନୂଆ ନୀତି ଦ୍ୱାରା ବିଭିନ୍ନ ବିଭାଗୀୟ ଅନୁମତି ପ୍ରକ୍ରିୟା ସହଜ ହେବ ଏବଂ ସ୍ୱଚ୍ଛ ଜାଳେଣି ବ୍ୟବହାରକୁ ପ୍ରୋତ୍ସାହିତ କରାଯିବ । ପ୍ରକଳ୍ପ ସମ୍ପତିର ଠିକ୍ ପରିଚାଳନା ମାଧ୍ୟମରେ ନିରାପଦ ଓ ନିରନ୍ତର ଗ୍ୟାସ୍ ଯୋଗାଣ ନିଶ୍ଚିତ ହୋଇପାରିବ । ସ୍ୱଚ୍ଛ ଭାରତ ମିସନ୍ ଅନ୍ତର୍ଗତ କମ୍ପ୍ରେସ୍‌ଡ ବାୟୋଗ୍ୟାସ୍ ପ୍ଲାଂଟ୍ ପ୍ରତିଷ୍ଠା ପାଇଁ ଆବଶ୍ୟକ ସମନ୍ୱୟ ରକ୍ଷା କରାଯାଇପାରିବ । ଗୃହ ଓ ନଗର ଉନ୍ନୟନ ବିଭାଗ ଏହାର ନୋଡାଲ୍ ଏଜେନ୍ସି ଭାବେ କାର୍ଯ୍ୟ କରିବ । ଏହାର ସଫଳ ରୂପାୟନ ପାଇଁ ଏକ ରାଜ୍ୟସ୍ତରୀୟ ଅଧିକାରୀ କମିଟି ଓ ଜିଲ୍ଲାସ୍ତରୀୟ ତଦାରଖ କମିଟି ଗଠନ କରାଯିବ । ଏହା ଘରୋଇ ପୁଞ୍ଜିନିବେଶକୁ ଆକୃଷ୍ଟ କରିବା ସହ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ।






# ଦେଶବ୍ୟାପୀ ୧.୫ ଲକ୍ଷରୁ ଅଧିକ ଚଢ଼ାଉ; ୬୬,୦୦୦ରୁ ଅଧିକ ସିଲିଣ୍ଡର ଜବତ

ନୂଆଦିଲ୍ଲୀ : ପର୍ଶ୍ଚିମ ଏସିଆର ପରିସ୍ଥିତି ମଧ୍ୟରେ, ଭାରତ ସରକାର ନିୟମିତ ଅପଡେଟ୍ ମାଧ୍ୟମରେ ନାଗରିକମାନଙ୍କୁ ସୂଚନା ଦେବା ପାଇଁ ପ୍ରୟାସ ଜାରି ରଖିଛନ୍ତି । ଏହି ପରିପ୍ରେକ୍ଷୀରେ, ଆଜି ଜାତୀୟ ଗଣମାଧ୍ୟମ କେନ୍ଦ୍ରରେ ଏକ ଗଣମାଧ୍ୟମ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ, ବନ୍ଦର, ଜାହାଜ ଚଳାଚଳ ତଥା ଜଳପଥ ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଅଧିକାରୀମାନେ ଇନ୍ଧନ ଉପଲବ୍ଧତା, ସାମୁଦ୍ରିକ କାର୍ଯ୍ୟ, ଅଂଚଳରେ ଭାରତୀୟ ନାଗରିକମାନଙ୍କୁ ସହାୟତା ଏବଂ ପ୍ରମୁଖ କ୍ଷେତ୍ରଗୁଡ଼ିକରେ ସ୍ଥିରତା



ବଜାୟ ରଖିବା ପାଇଁ ଗ୍ରହଣ କରାଯାଉଥିବା ପଦକ୍ଷେପ ବିଷୟରେ ଅପଡେଟ୍ ପ୍ରଦାନ କରିଥିଲେ । ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ବର୍ତମାନର ଇନ୍ଧନ ଯୋଗାଣ ପରିସ୍ଥିତି ଉପରେ ଏକ ଅପଡେଟ୍ ପ୍ରଦାନ କରିଛି, ଯେଉଁଥିରେ ପର୍ଶ୍ଚିମ ଏସିଆର ପରିସ୍ଥିତି ପରିପ୍ରେକ୍ଷୀରେ ପେଟ୍ରୋଲିୟମ ଉତ୍ପାଦ ଏବଂ ଏଲପିଜିର ନିରନ୍ତର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ନିଆଯାଉଥିବା ପଦକ୍ଷେପଗୁଡ଼ିକର ରୂପରେଖ ଦିଆଯାଇଛି । ପେଟ୍ରୋଲ, ଡିଜେଲ ଏବଂ ଏଲପିଜିର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ସରକାର ସମସ୍ତ ପ୍ରୟାସ କରୁଥିବାରୁ ନାଗରିକମାନଙ୍କୁ ପେଟ୍ରୋଲ, ଡିଜେଲ ଏବଂ ଏଲପିଜିର ଆତଙ୍କିତ କ୍ରୟରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି । ଏଲପିଜି ଗ୍ରାହକମାନଙ୍କୁ ଡିଜିଟାଲ୍ ବୁକିଂ ପ୍ଲାଟଫର୍ମ ବ୍ୟବହାର କରିବାକୁ ଅନୁରୋଧ କରାଯାଇଛି ।

# ଆଇପିଏଲ-୨୦୨୬ : ମୁମ୍ବାଇ ଇଣ୍ଡିଆନ୍ସକୁ ୨୦୮ ରନ୍‌ର ଟାର୍ଗେଟ୍ ଦେଲା ଚେନ୍ନାଇ ସୁପର କିଙ୍ଗ୍‌ସ

ମୁମ୍ବାଇ: ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୩୩ତମ



ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଚେନ୍ନାଇ ସୁପର କିଙ୍ଗ୍‌ସ ମୁହାଁମୁହିଁ ହୋଇଛନ୍ତି । ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ଟସ୍ ଜିଣି ଆୟୋଜକ ମୁମ୍ବାଇ ଟସ୍ ଜିଣି ବୋଲିଂ ନିଷ୍ପତି ନେଇଥିଲା । ଚେନ୍ନାଇକୁ ବ୍ୟାଟିଂ କରିବା ପାଇଁ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଆମନ୍ତ୍ରଣ କରିଥିଲେ । ସଂଜୁ ସାମସନଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଚେନ୍ନାଇ ନିର୍ଦ୍ଧାରିତ ୨୦ ଓଭରରେ ୬ଟି ୱିକେଟ୍ ହରାଇ ୨୦୭ ରନ୍ କରିଛି । ଫଳରେ ମୁମ୍ବାଇକୁ ଏହି ମ୍ୟାଚ୍ ଜିତିବା ପାଇଁ ୨୦୮ ରନ୍ ?ର ଲକ୍ଷ୍ୟ ମିଳିଛି । ମୁମ୍ବାଇ ବିପକ୍ଷରେ ସଂଜୁ ସାମସନ ବିସ୍ଫୋରକ ବ୍ୟାଟିଂ କରିଛନ୍ତି । ସେ ଅପରାଜିତ ଶତକ (୧୦୧ ରନ୍) ସଂଗ୍ରହ କରିଛନ୍ତି । ୫୪ଟି ବଲ୍ ଖେଳି ୧୦ଟି ଚୌକା ଏବଂ ୬ଟି ଛକା ମାରିଛନ୍ତି । ଚେନ୍ନାଇ ପାଇଁ ସଂଜୁ ସାମସନ ଏବଂ ଅଧିନାୟକ ଋତୁରାଜ ଗାଏକ୍ୱାର୍ଡ ଇନିଂସ ଆରମ୍ଭ କରିଥିଲେ । ଉଭୟ ଖେଳାଳି ପ୍ରଥମ ୱିକେଟ୍ ପାଇଁ ୩୨ ରନ୍‌ର ଭାଗିଦାରୀ କରିଥିଲେ । ଗାଏକ୍ୱାର୍ଡ ଆଉଟ୍ ହେବା ପୂର୍ବରୁ ବ୍ୟକ୍ତିଗତ ଭାବେ ୨୨ ରନ୍ ସଂଗ୍ରହ କରିଥିଲେ । ଏଥିରେ ୩ଟି ଚୌକା ଏବଂ ଗୋଟିଏ ଛକା ସାମିଲ ଥିଲା । ଚେନ୍ନାଇ ପାଇଁ ସର୍ଫରାଜ ଖାନ ୧୪ ରନ୍, ଡେୱାଲ୍ଡ ବ୍ରେଭିଜ୍ ୨୧ ରନ୍, କାର୍ତିକ ଶର୍ମା ୧୮ ରନ୍, ଜେମି ଓଭରଟନ୍ ୧୫ ରନ୍ ସଂଗ୍ରହ କରିଥିଲେ । ମୁମ୍ବାଇ ପକ୍ଷରୁ ଏଏମ୍ ଗଜନଫର ଏବଂ ଅଶ୍ୱନୀ କୁମାରଙ୍କୁ ୨-୨ ୱିକେଟ୍ ମିଳିଥିଲା । ଦ୍ରୁତ ବୋଲର ଜସପ୍ରିତ ବୁମରା ଏବଂ ମିଚେଲ ସାଂଟନର ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ ।


Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,

Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**